## ଭାଗବତ ପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ବାରଙ୍ଗ/ତ୍ରିଶୂଳିଆ,୨୭।୩(ଲିଙ୍ଗରାଜ ରାଉତ/ତୁଷାରକାନ୍ତି ବେହେରା)

ବାରଙ୍ଗ ସୀତାରାମ ବଜାର ଭାଗବତ ପାତ୍ର ସ୍ମୃତି କମିଟି ପକ୍ଷରୁ ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ଭାଗବତ ପାତ୍ରଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ କନକଦୁର୍ଗା ମନ୍ଦିର ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ବଜାର ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କମିଟିସଭାପତିଅନ୍ତର୍ଯ୍ୟାମୀ କୁଅଁର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟବକ୍ତା ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଜେଡି ନେତା ମନ୍ମଥ ରାଉତରାୟ, ଭାଜପା ନେତା ଅରିନ୍ଦମ ରାୟ, ବରିଷ୍ଠ ଖବରଦାତା ଅକ୍ଷୟ ସାହୁ, କମିଟି ଉପସଭାପତି ସୁନିଲ ସିଂ, କୋଷାଧ୍ୟକ୍ଷ ରବୀନ୍ଦ୍ର ପାତ୍ର ଯୋଗଦେଇଥିଲେ। ୧୬ଟି ଉଚ୍ଚ ବିଦ୍ୟାଳୟର ମାଟ୍ରିକ୍ ଟପ୍ପର, ୬ଟି ହାଇସ୍କୁଲର ସର୍ବାଧିକ ଉପସ୍ଥାନ ଥିବା ଛାତ୍ରୀଛାତ୍ରଙ୍କ ସହ ୬ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ହୈମବତୀ ନନ୍ଦନ ଚକ୍ରବର୍ତ୍ତୀ ଓ ସହ ସମ୍ପାଦକ ସନ୍ତୋଷ କୁମାର ଉପସ୍ଥିତ ଥିଲେ।

# ରାଜ୍ୟର ଆଉ ୮ ସହରରେ ଗଢ଼ିବ 'ମୋ ବସ୍'

### ପ୍ରତ୍ୟେକ ସହରରେ ହେବ ପାସ୍ ବ୍ୟବସ୍ଥା

ଭୁବନେଶ୍ୱର, ୨୭।୩ (ବନ୍ଦନା ସେଠୀ)



ବୈଠକରେ କ୍ରୁଟ ଚେୟାରମ୍ୟାନ ଅନୁ ଗର୍ଗଙ୍କ ସହ ଅଧିକାରମାନେ।

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)ର ୪୯ତମ ବୋର୍ଡ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା କ୍ରୁଟ ଚେୟାରମ୍ୟାନ ଅନୁ ଗର୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ୮ ନୂଆ ସହର ଯଥା ଅନୁଗୋଳ, ଝାରସୁଗୁଡା, ଯାଜପୁର, କେନ୍ଦୁଝର, ବାରିପଦା, ଜୟପୁର, ବାଲେଶ୍ୱର ଏବଂ ରାୟଗଡ଼ାରେ 'ମୋ ବସ୍' ଚଳାଚଳ କରିବାକୁ ଯୋଜନା କରାଯାଇଛି। ସେହିପରି ରାଜ୍ୟରେ ସହରାଞ୍ଚଳ ପରିବହନକୁ ଅଧିକ ବୃଦ୍ଧି କରିବାକୁ ପ୍ରମୁଖ ରଣନୀତି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଯାତ୍ରୀଙ୍କ ପ୍ରତି ଉତ୍ତମ ସୁରକ୍ଷା ଏବଂ ଗୁଣବତ୍ତା ସେବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହିତ କ୍ରୁଟ୍‌ର କାର୍ଯ୍ୟକଳାପ ଉପରେ ଆଲୋଚନା ସହ ସମୀକ୍ଷା କରାଯାଇଥିଲା।

ଯାତ୍ରୀଙ୍କ ସୁରକ୍ଷା ପାଇଁ ଦୁର୍ଘଟଣା ରୋକିବାର ଲାଗି ବ୍ୟବସ୍ଥା କରାଯାଇଛି। ଅତ୍ୟଧିକ ଗତିଜନିତ ବିପଦକୁ ହ୍ରାସ କରିବା ପାଇଁ ବସ୍‌ଗୁଡିକର ଗତିସୀମା ପ୍ରଚଳନ କରାଯାଇଛି। ଇ-ବସ୍ ଘଣ୍ଟାପ୍ରତି ୩୫ କିମି, ଡିଜେଲ ବସ୍ (ସହର ରୁଟ୍) ଘଣ୍ଟାପ୍ରତି ୪୦କି.ମି., ଡିଜେଲ୍ ବସ୍ (ଆନ୍ତଃନଗର ରାଜପଥ) ଘଣ୍ଟାପ୍ରତି ସର୍ବାଧିକ ୫୦କି.ମି. ବେଗରେ ଚାଲିବାକୁ ନିର୍ଦ୍ଧାରଣ କରାଯାଇଛି। ମୋ ବସ୍‌ର ସମସ୍ତ କର୍ମଚାରୀଙ୍କ ପାଇଁ ନିୟମିତ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି। ବସ୍ଯ ପରିଚାଳନା, ଗତିବିଧି ଲକ୍ଷ୍ୟ କରି କ୍ୟାପ୍‌ଟେନ୍‌ମାନଙ୍କୁ ସଚେତନ ଏବଂ ଏଆଇ ମାଧ୍ୟମରେ କଣ୍ଟ୍ରୋଲ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୮ଟି ମୋ ବସ୍‌ରେ ପରୀକ୍ଷାମୂଳକ ଭାବେ ଆଡ୍‌ଭାନ୍ସଡ୍ ଡ୍ରାଇଭର ଆସିଷ୍ଟାଣ୍ଟ ସିଷ୍ଟମ ଏବଂ ଡାସ୍ କ୍ୟାମ୍‌ର ବ୍ୟବହାର କରାଯାଇଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରତି ମାସରେ ଦୁର୍ଘଟଣାର ତଦନ୍ତ ସହ ସମୀକ୍ଷା ବୈଠକ ମାଧ୍ୟମରେ ବିଶ୍ଳେଷଣ କରାଯିବ। ଯାତ୍ରୀ ସହାୟତାକୁ ଆହୁରି ବୃଦ୍ଧି କରିବା ପାଇଁ ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ସହାୟତା ପାଇଁ ଟୋଲ-ଫ୍ରି ନମ୍ବର (୧୮୦୦୫୭୦୦୨୧୮) ଜାରି କରାଯାଇଛି। ସେହିପରି ଭୁବନେଶ୍ୱରରେ ଉପଲବ୍ଧ ଥିବା ପାସ୍ ସିଷ୍ଟମ ଖୁବ୍‌ଶୀଘ୍ର ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ସମେତ ମୋ ବସ ସେବା ଉପଲବ୍ଧ ଥିବା ଅନ୍ୟ ସହରଗୁଡିକରେ ପ୍ରଚଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ତଥା କ୍ରୁଟ ଉପାଧ୍ୟକ୍ଷ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ରାଜ୍ୟ ପରିବହନ କମିଶନର୍ ଅମିତାଭ ଠାକୁର ଏବଂ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏନ ଥିରୁମାଲା ନାଏକ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଜ୍ଞାନ



@ ଅଭିଜିତ୍



@ ଜଗନ୍ନାଥ



@ ରିହାନ



@ ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାଟକ ଏକ ଜୀବନ୍ତ କଳା

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ ନାଟ୍ୟ ଦିବସ

ଭୁବନେଶ୍ୱର,୨୭।୩ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟକ ଓ ରଙ୍ଗମଞ୍ଚର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଲେ, ନାଟକ ଏକ ଜୀବନ୍ତ କଳା ଭାବେ ସିଧାସଳଖ ହୃଦୟକୁ ସ୍ପର୍ଶ କରିଥାଏ। ନାଟ୍ୟକାର ଓ ସମାଲୋଚକ ପ୍ରଫେସର ନାରାୟଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାଟକ ମାଧ୍ୟମରେ ସମାଜକୁ ସବୁ ସମୟରେ ବାର୍ତ୍ତା ଦେବା ସମ୍ଭବ ବୋଲି କହିଥିଲେ। ଏଥିସହ ଓଡ଼ିଆ ନାଟକର କ୍ରମବିକାଶ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ନୃତ୍ୟଶିଳ୍ପୀ ସିକତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକକୁ ଜୀବନର ପ୍ରତିଛବି ଭାବେ ଅଭିହିତ କରିବାସହ ନାଟକର ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। କୁଳସଚିବ ଅନାମିକା ଅଧିକାରୀ ବିଶ୍ୱ ନାଟ୍ୟ ଦିବସର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋଚନା କରିବା ସହ ସମାଜରେ ବିଭିନ୍ନ ପ୍ରସଙ୍ଗରେ ସଚେତନତା ସୃଷ୍ଟି ନିମନ୍ତେ ନାଟକ ହିଁ ସବୁଠାରୁ ବଳିଷ୍ଠ ଓ ଆକର୍ଷଣୀୟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ନାଟକ ବିଭାଗରେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ 'ଗୋବିନ୍ଦଚନ୍ଦ୍ର ତେଜ ସ୍ମାରକୀ ସ୍ୱର୍ଣ୍ଣ ପଦକ' ପ୍ରଦାନ କରାଯାଇଥିଲା। ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ନିମନ୍ତେ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମରେ ତାଙ୍କ ରଚିତ ନାଟକ 'ସନ୍ଧାନ' ପରିବେଷିତ ହୋଇଥିଲା। ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୟନିକାର ବିଶେଷ ରିହାତି ବ୍ୟବସ୍ଥାର ଶୁଭାରମ୍ଭ



ପ୍ରଦର୍ଶନୀ ପରିଦର୍ଶନ ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରିହାତି ଦରରେ ବୟନିକାରୁ ପୋଷାକ କିଣୁଛନ୍ତି।

### ବୁଣାକାରଙ୍କ ଆର୍ଥିକ ସମୃଦ୍ଧି, ହସ୍ତତନ୍ତ ସାମଗ୍ରୀର ପ୍ରୋତ୍ସାହନ ପାଇଁ ପଦକ୍ଷେପ : ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ

ଭୁବନେଶ୍ୱର,୨୭।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଦିବସ ଉପଲକ୍ଷେ ବିଶେଷ ସରକାରୀ ରିହାତି ଦରରେ ବୟନିକାର ବିକ୍ରୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି, ବୟନିକା ହସ୍ତତନ୍ତ ସାମଗ୍ରୀର ପ୍ରଚାର ପ୍ରସାର ଓ ବୁଣାକାରଙ୍କ ଆର୍ଥିକ ସମୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ଏଥିସହ ହସ୍ତତନ୍ତ କ୍ଷେତ୍ରର ନିରନ୍ତର ଅଭିବୃଦ୍ଧି ଏବଂ ଅନ୍ତର୍ଜାତୀୟ ସ୍ୱୀକୃତି ସୁନିଶ୍ଚିତ କରିବା ସହିତ ଏହାର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ ଅଛନ୍ତି। ଓଡ଼ିଶା ଦିବସ ପାଳନ ଅବସରରେ ଏହା ପର୍ଯ୍ୟଟକ ତଥା ଗ୍ରାହକମାନଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତର ଐତିହ୍ୟ ସମ୍ପର୍କରେ ମଧ୍ୟ ପରିଚିତ କରାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ହସ୍ତତନ୍ତ ଉତ୍ପାଦ ଉପରେ ୨୦% + ୧୦% + ୫% ବିଶେଷ ରିହାତିର ସୁବିଧା ମିଳିବ। ବୟନିକାର ସମସ୍ତ ବିକ୍ରୟ ଶାଖା, ପ୍ରଦର୍ଶନୀ ପଡିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳା ଓ ଜନତା ମଇଦାନରେ ଚାଲିଥିବା ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ଖୋଲିଥିବା ବୟନିକା ଷ୍ଟଲ୍‌ରେ ଏହି ରିହାତି ସୁବିଧା ଉପଲବ୍ଧ ହେବ। ବୟନ ଭବନସ୍ଥିତ ବୟନିକା ଅନନ୍ୟ ଶାଖାରେ ରାତି ୧୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିକ୍ରୟ ଉପରେ ଅତିରିକ୍ତ ୫% ରିହାତି (୨୦% + ୧୦% + ୫%+ ୫%) ସୁବିଧା ମିଳିବ । ବୟନିକା ଅନନ୍ୟ ଶାଖା ରାତ୍ରି ବଜାର ସମୟରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରଦର୍ଶନ, ଲାଇଭ୍ ଲୁମ୍ ପ୍ରଦର୍ଶନ ଏବଂ ଖାଦ୍ୟ କାଉଣ୍ଟର ବ୍ୟବସ୍ଥା ରହିବ। ବିଳମ୍ବିତ ରାତିରେ ପରିଦର୍ଶକଙ୍କ ପାଇଁ ଏକ ଜୀବନ୍ତ ତଥା ଆକର୍ଷଣୀୟ ପରିବେଶ ସୃଷ୍ଟି ସହ ଶପିଂ ଅନୁଭବକୁ ବୃଦ୍ଧି କରିବା ଲକ୍ଷ୍ୟରେ ବୟନିକା ପକ୍ଷରୁ ଏହା ଆୟୋଜନ କରାଯାଇଛି। ଏହି ସୁବିଧା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ବୟନିକା ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନିକାର ସାଧାରଣ ପ୍ରବନ୍ଧକ ତଥା ସମ୍ପାଦକ ସୁଷମା ବାରିକ, ବୟନିକାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାକ୍ସୋଫୋନ ବାଦକ ମନୋହରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୭।୩(ବନ୍ଦନା ସେଠୀ)

ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଭାରତର ପ୍ରସିଦ୍ଧ ସାକ୍ସୋଫୋନ ବାଦକ ମନୋହରୀ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅଭିନେତା ଡ. ପ୍ରଶାନ୍ତ ନନ୍ଦ, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା.ଚନ୍ଦ୍ରଭାନୁ ପରିଡ଼ା, ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍ ମନ୍ମଥ ମିଶ୍ର, ସୁବାସ ରାମ, ସିନେ ସମୀକ୍ଷକ ଦିଲୀପ ହାଲି, ଡ. ସଙ୍ଗୀତା ଗୋସାଇଁ, ପ୍ରଫୁଲ୍ଲ ବେହେରା, ଶ୍ରୀ ରାମପ୍ରସାଦ ପାତ୍ର, ସୁର ତରଙ୍ଗ ପ୍ରତିଷ୍ଠାତା ପୀୟୁଷ ମହାନ୍ତି, ଗୁରୁ ଶରତ ପାଣି, ନୃତ୍ୟଶିଳ୍ପୀ ଗାୟତ୍ରୀ ଯୋଶୀ ମିଶ୍ର, ଯୋଗଗୁରୁ ମନୋଜ ଯୋଶୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ମନୋହରୀ ସାକ୍ସୋଫୋନ ବାଦନରେ ଦର୍ଶକଙ୍କ ହୃଦୟ ଛୁଇଁ ପାରିଥିଲେ ବୋଲି କହିଥିଲେ। ସାକ୍ସୋଫୋନ ବାଦକ ଏସ୍.ସୀମାଦ୍ରି ଓ ଧନାଶ୍ରୀ ସାକ୍ସୋଫୋନ ବାଦନ ମାଧ୍ୟମରେ ସାକ୍ସୋଫୋନ ବାଦକ ମନୋହରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶ୍ରୀ କୌଶିକ ପଟ୍ଟନାୟକଙ୍କ ସଂଯୋଜନାରେ ସୀମାଦ୍ରି ଓ ଧନାଶ୍ରୀଙ୍କ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ଧୂନ ସଭାକୁ ମନ୍ତ୍ରମୁଗ୍ଧ କରିଥିଲା।

# ଓଡ଼ିଆ ନାଟକ ଜାତୀୟ ସ୍ତରରେ ପହଞ୍ଚୁ

ଭୁବନେଶ୍ୱର,୨୭।୩(ସୌମ୍ୟରଞ୍ଜନ ରାଉତ)



ଭଞ୍ଜକଳା ମଣ୍ଡପଠାରେ ପରିବେଷିତ ଅନୁବାଦ ନାଟକ 'ହେ ଭଗବାନ୍'ର ଏକ ଦୃଶ୍ୟ।

କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ଗୁରୁବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ମଲିକ, ସୂର୍ଯ୍ୟମଣୀ ତ୍ରିପାଠୀ, ସରୋଜ ଟପ୍ପୋ, ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ପବିତ୍ର ମହାରଥା, ପ୍ରଫେସର ନରେନ୍ଦ୍ର ମିଶ୍ର, ଭାବଗ୍ରାହୀ ଦାଶ, ସୁକେଶ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡିଆ ନାଟକର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜାତୀୟ ସ୍ତରରେ ଓଡ଼ିଆ ନାଟକ କିପରି ଉତ୍କର୍ଷତା ପ୍ରତିପାଦିତ କରିବ ସେନେଇ ଅତିଥିମାନେ କହିଥିଲେ। ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ କହିଲେ, କଳିଙ୍ଗ ନାଟ୍ୟ ସଂଘ ନିୟମିତ ବ୍ୟବଧାନରେ ଓଡ଼ିଆ ନାଟକ ଉପରେ ଆଗକୁ ଆଲୋଚନାଚକ୍ରମାନ ଆୟୋଜନ କରି ଏହାକୁ ଜାତୀୟ ସ୍ତରରେ ପହଞ୍ଚାଇବାରେ ଏକ ମାଇଲଖୁଣ୍ଟ ସୃଷ୍ଟି କରୁ। ସନ୍ଧ୍ୟାରେ ନାଟ୍ୟ ସଂଘ ତରଫରୁ ସଭ୍ୟ ସୁଶାନ୍ତ ଶତପଥୀଙ୍କ ନିର୍ଦ୍ଦେଶନାରେ ଗୋଟିଏ ଅନୁବାଦ ନାଟକ 'ହେ ଭଗବାନ' ମଞ୍ଚସ୍ଥ କରିଥିଲେ। ନିର୍ଦ୍ଦେଶକ ନିଜେ ଏଥିରେ ଅଭିନୟ କରିଥିବା ବେଳେ ବିମଳ ପାଟ୍ଟଯୋଶୀ ଏବଂ ସହଅଭିନେତ୍ରୀ ଭାବେ କଳ୍ପନା ରାଉତ ରହିଥିଲେ। କଳିଙ୍ଗ ନାଟ୍ୟ ସଂଘ ସଭ୍ୟ ଗୋବିନ୍ଦ ଜେନା ନାଟକରେ ସହଯୋଗ କରିଥିବାବେଳେ ଉପସଭାପତି ପ୍ରଫେସର ପ୍ରସନ୍ନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ନିର୍ବାଚନମଣ୍ଡଳୀର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ: ନବକିଶୋର

ବାଲିପାଟଣା,୨୭।୩(ଅଭିମନ୍ୟୁ ନାୟକ)

ଆସନ୍ତା ଏପ୍ରିଲ ୨ରେ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମ ପାଇଁ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ଏହିପରିପ୍ରେକ୍ଷୀରେ ଗୁରୁବାର ବିଧାୟକ ନବକିଶୋର ମଲ୍ଲିକ ଗ୍ରାମ ବୁଲି ଅଭିଭାବକଙ୍କୁ ସଚେତନ କରି ପିଲାଙ୍କୁ ଭେଟି ବିଦ୍ୟାଳୟ ଆସିବାକୁ କହିଥିଲେ। ଏହିଅବସରରେ ବିଧାୟକ କହିଥିଲେ, ନିର୍ବାଚନ ମଣ୍ଡଳୀର ସାମଗ୍ରୀକ ବିକାଶ ମୋର କର୍ତ୍ତବ୍ୟ। ସବୁକ୍ଷେତ୍ରରେ କାମ କରିବାକୁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନମଣ୍ଡଳୀରେ ଦୁଇଟି ବ୍ୟାରେଜ ପାଇଁ ସରକାର ପ୍ରସ୍ତାବ ରଖିଛନ୍ତି। ସେଥି ନିମନ୍ତେ ୭ଶହ କୋଟି ଟଙ୍କା ମଞ୍ଜୁର ହୋଇଥିଲେବି ୨କୋଟି ଟେଣ୍ଡର ହୋଇ କାମ ଚାଲିଛି। ଆଉ ୫କୋଟିର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ବନମାଳିପୁରରେ ହେବାକୁ ଥିବା ଷ୍ଟାଡିୟମର କ୍ଷେତ୍ର ପରିଦର୍ଶନ କରିଥିଲେ।

# ସଭାପତି, ଉପସଭାପତି ପଦ ପାଇଁ ତ୍ରିମୁଖୀ ଲଢ଼େଇ

### ଭୁବନେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ

ଭୁବନେଶ୍ୱର, ୨୭।୩(ବନ୍ଦନା ସେଠୀ)





୨୦୨୫-୨୬ବର୍ଷ ପାଇଁ ବାର୍ ଆସୋସିଏଶନ ନିର୍ବାଚନ ଆସନ୍ତା ୨୯ତାରିଖରେ ଅନୁଷ୍ଠିତ ହେବ। ଶନିବାର ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟିଂ ହେବ। ଏହି କ୍ରମରେ ଭୁବନେଶ୍ୱର ବାର୍ ଆସୋସିଏଶନର ନିର୍ବାଚନ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର କ୍ୟାମ୍ପେନିଂର ଶେଷଦିନ ଥିବାରୁ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କୁ ଧରି ଜୋରଦାର୍ ପ୍ରଚାର କରିଥିଲେ। ଭୋଟରଙ୍କଠାରୁ ସମର୍ଥନ ପାଇବା ପାଇଁ ପ୍ରାର୍ଥୀମାନେ ବିଭିନ୍ନ ପନ୍ଥା ଆପଣାଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ମୋଟ ୨୫ଜଣ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରୁଛନ୍ତି। ବାର୍ ସଭାପତି ଏବଂ ଉପସଭାପତି ପଦ ପାଇଁ ୩ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅଶୋକ କୁମାର ଛୋଟରାୟ, ଅଶୋକ କୁମାର ପାତ୍ର ଏବଂ ନନ୍ଦ ନନ୍ଦନ ଶତପଥୀ ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ଉପସଭାପତି ପଦ ପାଇଁ କବୀନ୍ଦ୍ର କୁମାର ବାରିକ, ରବି ପ୍ରସାଦ ନାୟକ, ସୁକାନ୍ତ ଚନ୍ଦ୍ର ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସମ୍ପାଦକ ପଦ ପାଇଁ ୨ଜଣ ପ୍ରାର୍ଥୀ ମନୋଜ ନାୟକ, ସତ୍ୟ ରଞ୍ଜନ ସେନାପତି, ଯୁଗ୍ମ ସମ୍ପାଦକ ପାଇଁ ଭାଗ୍ୟବତୀ ରାଉତରାୟ ଏବଂ ରଶ୍ମିରଞ୍ଜନ ମହାନ୍ତି, ସହ ସମ୍ପାଦକ ପଦ ପାଇଁ ଜ୍ୟୋତିର୍ମୟୀ ପଣ୍ଡା, ରଶ୍ମିଭୂଷଣ ମୁଖୀ, ସତ୍ୟ ପ୍ରକାଶ ଶତପଥୀ, କୋଷାଧ୍ୟକ୍ଷ ଭାବେ ଦୀପ୍ତି ପ୍ରକାଶ ନନ୍ଦ ଏବଂ ହିତେନ ନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ପଦ ପାଇଁ ୧୦ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ତେବେ କାର୍ଯ୍ୟକାରୀ ସଦସ୍ୟ ଭାବେ ୧୦ଜଣଙ୍କ ମଧ୍ୟରୁ ୮ଜଣଙ୍କୁ ମନୋନୀତ କରାଯିବ ବୋଲି ସୂଚନା ଦିଆଯାଇଛି। ଭୁବନେଶ୍ୱର ବାର୍ ଆସୋସିଏଶନ୍‌ର ୪,୧୦୫ ସଦସ୍ୟ ୨୫ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମାର୍ଚ୍ଚ ୫ରୁ ୧୦ ପର୍ଯ୍ୟନ୍ତ ନୋମିନେଶନ ଦାଖଲ ହୋଇଥିବାବେଳେ, ମାର୍ଚ୍ଚ ୧୧ଠାରୁ କ୍ୟାମ୍ପେନିଂ ଆରମ୍ଭ ହୋଇଥିଲା। ଅପରପକ୍ଷେ ପ୍ରାୟ ୩ହଜାର ପୋଲିଂ ହେବା ନେଇ ଲକ୍ଷ୍ୟ ରଖାଯାଇଥିବା ପୂର୍ବତନ ସମ୍ପାଦକ ରାଜକିଶୋର ଦାସ ସୂଚନା ଦେଇଛନ୍ତି।

# ରେଭିନ୍ୟୁ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଦାବି

ପୁରୁଣା ଭୁବନେଶ୍ୱର,୨୭।୩(ସୁବାସ ଚନ୍ଦ୍ର ପ୍ରଧାନ)

ଲୟର୍ସ ଫୋରମର ପ୍ରଥମ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଆଇନଜୀବୀ ଯୋଗଦେଇ ଲୟର୍ସ ଫୋରମର କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ସଂଗ୍ରାମ କେଶରୀ ପ୍ରଧାନ, ଅରୂପ କୁମାର ଚାନ୍ଦ ଏବଂ ରାଜେନ୍ଦ୍ର ସମର୍ଥାଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀଙ୍କ ଦ୍ୱାରା ସଭା ପରିଚାଳନା କରାଯାଇଥିଲା। ଦଳିତ, ନିଷ୍ପେଷିତ, ଗରିବ ଜନସାଧାରଣଙ୍କୁ ମାଗଣାରେ ଆଇନ ସହାୟତା ଦେବା ପାଇଁ ଏହା ଏକ ଶକ୍ତ ଆଉ ମଜଭୁତ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବା ସହିତ ଆଇନଜୀବୀଙ୍କ ଆଶା ପୂରଣ କରିବାରେ ସହାୟକ ହେବ ବୋଲି ଆଇନଜୀବୀ ଚାନ୍ଦ କହିଥିଲେ। ବିଧିବଦ୍ଧଭାବେ ଲୟର୍ସ ଫୋରମକୁ ରେଜିଷ୍ଟ୍ରିଭୁକ୍ତ କରି ଏହାର ସମ୍ବିଧାନ ପ୍ରସ୍ତୁତ କରାଯିବା ସହିତ ଏହି ଅଞ୍ଚଳର ସମସ୍ତ ଆଇନଜୀବୀଙ୍କୁ ଏଥିରେ ସାମିଲ କରି ଏହାକୁ ବଳିଷ୍ଠ ସଙ୍ଗଠନଭାବେ ଗଢି ତୋଳିବାପାଇଁ ଆଇନଜୀବୀ ପ୍ରଧାନ କହିଥିଲେ। ରେଭିନ୍ୟୁ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଦାବି ହୋଇଥିଲା। ସେହିପରି ଆଇନଜୀବୀ ଅଞ୍ଜନ ସାମନ୍ତରାୟ, ଦୁର୍ଗା ପ୍ରସନ୍ନ ଖୁଣ୍ଟିଆ, ଜଗନ୍ନାଥ ଦାସଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ମତ ରଖିଥିଲେ।

**ବିଦ୍ୟୁତ୍ କର୍ମଚାରୀଙ୍କୁ ଆକ୍ରମଣ: ଜଣେ ଗିରଫ**

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ଗ୍ରାମର ବିଳାସିନୀ ସାହୁଙ୍କ ଘରୁ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ବୁଧବାର ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରି ସେମାନଙ୍କ ମଧ୍ୟରେ ମାରପିଟ ମଧ୍ୟ ହୋଇଥିଲା। ବିଦ୍ୟୁତ୍ ବିଭାଗର କର୍ମଚାରୀ ସୌମ୍ୟରଞ୍ଜନ ସୂତାରଙ୍କ ଲିଖିତ ଅଭିଯୋଗକ୍ରମେ ଟିପିସିଓ ବାଙ୍କୀ ଏସ୍‌ଡିଓ ସୌମ୍ୟରଞ୍ଜନ ମହାପାତ୍ର ଥାନାରେ ଏତଲା ଦେଇଥିଲେ। ଏନେଇ ଥାନାରେ ମାମଲା (ନଂ.୧୧୪/୨୫)ରୁଜୁ କରାଯାଇ ରଙ୍କନିଧି ସାହୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଉପଖଣ୍ଡ ପୋଲିସ ଅଧିକାରୀ ବାଳକୃଷ୍ଣ କଅଁର ଏହାର ତଦନ୍ତ କରୁଛନ୍ତି।



## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ

**ବାଙ୍କୀ,୨୭।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ସରକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ତରଫରୁ ଜାତମୁଣ୍ଡିଆ ଆରଏମ୍‌ସି ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ୩୨ନଂ. ଜିଲା ପରିଷଦ ସଦସ୍ୟ ଯୋଗଦେଇ ଉଦ୍ୟାନ କୃଷି ବିଭାଗ ତରଫରୁ ଚାଷୀମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ପଶୁପାଳନ, କୁକୁଡ଼ାଚାଷ, ଫଳଚାଷ, କୃଷି ସମ୍ବନ୍ଧୀୟ ଆଦି ଯୋଜନା ଦ୍ୱାରା ଚାଷୀମାନେ କିପରି ଲାଭ ପାଇପାରିବେ ସେଉପରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସ୍ମୃତିରେଖା ଦାସ, ପ୍ରାଣୀ ଚିକିତ୍ସକ ଡାକ୍ତର ତନ୍ମୟୀ ପଟ୍ଟନାୟକ, ବୈଜ୍ଞାନିକ ଅରୁଣ କୁମାର ଗିରି, ପ୍ରଦୀପ ଧଳ ଯୋଗଦେଇ ଚାଷୀମାନଙ୍କୁ ବିଭିନ୍ନ ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ଶିକ୍ଷା ଦେବା ସହ ସେମାନେ କିପରି ଲାଭବାନ ହୋଇପାରିବେ ସେ ଉପରେ ବକ୍ତବ୍ୟ ରଖିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମରେ କର୍ମଚାରୀ ଫକୀର ଜେନା, ସନ୍ତୋଷ ଲେଙ୍କା, ଶରତ ମହାରଣା ଓ ପ୍ରକାଶ ସାହୁପ୍ରମୁଖ ସହଯୋଗ କରିଥିଲେ।

### ଦକ୍ଷ ସଙ୍ଗଠକ, ମାର୍ଗଦର୍ଶକ ଥିଲେ ଦେବେନ୍ଦ୍ର ପ୍ରଧାନ

**ଆଠଗଡ, ୨୭।୩ (ସତ୍ୟ ପ୍ରସାଦ ରଥ)**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାପା ଦେବେନ୍ଦ୍ର ପ୍ରଧାନଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ହର ପ୍ରସାଦ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଆଠଗଡ ଅବକାରୀ କାର୍ଯ୍ୟାଳୟ ସମ୍ମୁଖସ୍ଥ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୪ନଂ. ୱାର୍ଡ ନୃସିଂହ ପାଟଣା ଶର ସାହିର ଆଦିବାସୀ ଯୁବକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦେବେନ୍ଦ୍ର ପ୍ରଧାନଙ୍କୁ ଜଣେ ଦକ୍ଷ ସଙ୍ଗଠକ ଓ ମାର୍ଗଦର୍ଶକ ବୋଲି ବର୍ଣ୍ଣନା କରିଥିଲେ। ପରେ କୁନିକୁନି ପିଲାଙ୍କୁ ନେଇ ପଂକ୍ତିଭୋଜନ କରାଯାଇଥିଲା। ଯୁବନେତା ନିମାଇଁ ଚରଣ ରାଉତଙ୍କ ସଂଯୋଜନା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସର୍ଜିତ ନାୟକ, ଅଶେଷ କୁମାର ସାହୁ, ପ୍ରଦୀପ ମଲ୍ଲିକ ଓ ପ୍ରକାଶ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ।

### ବହୁ ପ୍ରତିଭାର ଅଧିକାରୀ ଥିଲେ ପଣ୍ଡିତ ସୂର୍ଯ୍ୟ ନାରାୟଣ ମିଶ୍ର

**ବଡ଼ମ୍ବା ୨୭।୩ (ମାୟାଧର ମଲ୍ଲିକ)**

ବୈକୁଣ୍ଠ ସାହିତ୍ୟ ସଂସଦ, ବଡ଼ମ୍ବା ଆନୁକୂଲ୍ୟରେ ଏହାର ପ୍ରତିଷ୍ଠାତା ଆଇନଜୀବୀ ପଣ୍ଡିତ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ବଡ଼ମ୍ବା ଗାନ୍ଧୀ ଛକ ନିକଟ ଟେନିସ ପଡି ସ୍ଥିତ ବୈକୁଣ୍ଠ ସ୍ମୃତି ସଦନ ପରିସରରେ ଆୟୋଜିତ ଏହି ଉତ୍ସବରେ ଅନୁଷ୍ଠାନ ସଭାପତି ଜଗନ୍ନାଥ ବାରିକ ଅଧ୍ୟକ୍ଷତା କରିଥିଲେ। ଏସ୍‌ସିବି ଭେଷଜ ମହାବିଦ୍ୟାଳୟର ସ୍ନାୟୁଶଲ୍ୟ ବିଭାଗ ପ୍ରଫେସର ଡା.ରବି ନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମିଶ୍ର ବହୁବିଧ ପ୍ରତିଭାର ଅଧିକାରୀ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ନାରାୟଣ ପଣ୍ଡା ଯୋଗଦେଇଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଡ. ସାରଦାନନ୍ଦ ଦାଶଙ୍କ ବେଦଧ୍ୱନିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ସ୍ୱର୍ଗତ ମିଶ୍ରଙ୍କ ଦ୍ୱାରା ରଚିତ ରାମାୟଣ ମହାକାବ୍ୟ 'ସତ୍ୟସନ୍ଧ ସୁଧାସିନ୍ଧୁ' ପୁସ୍ତକକୁ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ପୁସ୍ତକର ପ୍ରକାଶକ ଇଂ. ବିରଞ୍ଚି ନାରାୟଣ ମିଶ୍ର ଏହି ଅବସରରେ ଉପସ୍ଥିତ ଥିଲେ।

# ରାଜ୍ୟର ଆଉ ୮ ସହରରେ ଗଡ଼ିବ 'ମୋ ବସ୍'

**ଭୁବନେଶ୍ୱର, ୨୭।୩ (ବନ୍ଦନା ସେଠୀ)**

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)ର ୪୯ତମ ବୋର୍ଡ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା କ୍ରୁଟ ଚେୟାରମ୍ୟାନ ଅନୁ ଗର୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ୮ ନୂଆ ସହର ଯଥା ଅନୁଗୋଳ, ଝାରସୁଗୁଡ଼ା, ଯାଜପୁର, କେନ୍ଦୁଝର, ବାରିପଦା, ଜୟପୁର, ବାଲେଶ୍ୱର ଏବଂ ରାୟଗଡ଼ାରେ 'ମୋ ବସ୍' ଚଳାଚଳ କରିବାକୁ ଯୋଜନା କରାଯାଇଛି। ସେହିପରି ରାଜ୍ୟରେ ସହରାଞ୍ଚଳ ପରିବହନକୁ ଅଧିକ ବୃଦ୍ଧି କରିବାକୁ ପ୍ରମୁଖ ରଣନୀତି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଯାତ୍ରୀଙ୍କ ପ୍ରତି ଉତ୍ତମ ସୁରକ୍ଷା ଏବଂ ଗୁଣବତ୍ତା ସେବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହିତ କ୍ରୁଟ୍‌ର କାର୍ଯ୍ୟକଳାପ ଉପରେ ଆଲୋଚନା ସହ ସମୀକ୍ଷା କରାଯାଇଥିଲା।



ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ସହ ଅନ୍ୟ ଅଧିକାରୀମାନେ।

ଯାତ୍ରୀଙ୍କ ସୁରକ୍ଷା ପାଇଁ ଦୁର୍ଘଟଣା ରୋକିବାର ଲାଗି ବ୍ୟବସ୍ଥା କରାଯାଇଛି। ଅତ୍ୟଧିକ ଗତିଜନିତ ବିପଦକୁ ହ୍ରାସ କରିବା ପାଇଁ ବସ୍‌ଗୁଡ଼ିକର ଗତିସୀମା ପ୍ରଚଳନ କରାଯାଇଛି। ଇ-ବସ୍ ଘଣ୍ଟାପ୍ରତି ୩୫ କିମି, ଡିଜେଲ ବସ୍ (ସହର ରୁଟ୍) ଘଣ୍ଟାପ୍ରତି ୪୦କି.ମି., ଡିଜେଲ୍ ବସ୍ (ଆନ୍ତଃନଗର ରାଜପଥ) ଘଣ୍ଟାପ୍ରତି ସର୍ବାଧିକ ୫୦କି.ମି. ବେଗରେ ଚାଲିବାକୁ ନିର୍ଦ୍ଧାରଣ କରାଯାଇଛି। ମୋ ବସ୍‌ର ସମସ୍ତ କର୍ମଚାରୀଙ୍କ ପାଇଁ ନିୟମିତ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି। ବସ୍ତୁ ପରିଚାଳନା, ଗତିବିଧି ଲକ୍ଷ୍ୟ କରି କ୍ୟାପ୍ଟେନ୍‌ମାନଙ୍କୁ ସଚେତନ ଏବଂ ଏଆଇ ମାଧ୍ୟମରେ କଣ୍ଟ୍ରୋଲ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୮ଟି ମୋ ବସ୍‌ରେ ପରୀକ୍ଷାମୂଳକ ଭାବେ ଆଡ୍‌ଭାନ୍ସଡ୍ ଡ୍ରାଇଭର ଆସିଷ୍ଟାଣ୍ଟ ସିଷ୍ଟମ ଏବଂ ଡାସ୍ କ୍ୟାମ୍‌ର ବ୍ୟବହାର କରାଯାଇଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରତି ମାସରେ ଦୁର୍ଘଟଣାର ତଦନ୍ତ ସହ ସମୀକ୍ଷା ବୈଠକ ମାଧ୍ୟମରେ ବିଶ୍ଳେଷଣ କରାଯିବ। ଯାତ୍ରୀ ସହାୟତାକୁ ଆହୁରି ବୃଦ୍ଧି କରିବା ପାଇଁ ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ସହାୟତା ପାଇଁ ଟୋଲ-ଫ୍ରି ନମ୍ବର (୧୮୦୦୫୭୦୦୨୧୮) ଜାରି କରାଯାଇଛି। ସେହିପରି ଭୁବନେଶ୍ୱରରେ ଉପଲବ୍ଧ ଥିବା ପାସ୍ ସିଷ୍ଟମ ଖୁବ୍‌ଶୀଘ୍ର ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ସମେତ ମୋ ବସ ସେବା ଉପଲବ୍ଧ ଥିବା ଅନ୍ୟ ସହରଗୁଡ଼ିକରେ ପ୍ରଚଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ତଥା କ୍ରୁଟ ଉପାଧ୍ୟକ୍ଷ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ରାଜ୍ୟ ପରିବହନ କମିଶନର୍ ଅମିତାଭ ଠାକୁର ଏବଂ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏନ ଥିରୁମାଲା ନାଏକ ଉପସ୍ଥିତ ଥିଲେ।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଗୁରୁବାର ପରିବେଷିତ ନାଟକ'ସାରୀପୁତ୍ତ'ର ଏକ ଦୃଶ୍ୟ।

# ନାଟକ 'ସାରୀପୁତ୍ତ' ମଞ୍ଚସ୍ଥ

**କଟକ,୨୭।୩(କାର୍ତ୍ତିକ ସାହୁ)**

ଉତ୍କଳ କଳା ପରିଷଦ ଓ କଳାବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ ଗଳ୍ପର ନାଟ୍ୟରୂପ 'ସାରୀପୁତ୍ତ' କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଗୁରୁବାର ମଞ୍ଚସ୍ଥ ହୋଇଛି। କଳାବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୀତାରାଣୀ ଦାସ ଯୋଗଦେଇ ନାଟକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ନାଟ୍ୟକାର ସୁଜାତା ପ୍ରିୟଦର୍ଶିନୀଙ୍କୁ ଉତ୍କଳ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। କଳାବିକାଶ କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ ଓ ଉତ୍କଳ କଳା ପରିଷଦର ସଭାପତି ଡ. ସ୍ନେହଲତା ମିଶ୍ର ନାଟକ ମାଧ୍ୟମରେ ସମାଜକୁ ପରିବର୍ତ୍ତନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆକାଶବାଣୀ ଓ ଟେଲିଭିଜନ ବ୍ୟକ୍ତିତ୍ୱ ଶୁଭେନ୍ଦୁ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା, ରାଧାମୋହନ ସାହୁ ମାନପତ୍ର ପାଠ ଓ କଳାବିକାଶ କେନ୍ଦ୍ରର ସମ୍ପାଦକ କାମାକ୍ଷା ପ୍ରସାଦ ମହତାବ ଧନ୍ୟବାଦ ଦେଇଥିଲେ। ପ୍ରଫେସର ଡ. ସୁକାନ୍ତ ରାଉତଙ୍କ ନିର୍ଦ୍ଦେଶନାରେ ଯାଜପୁର ସିମିଳିର କଳାକାରମାନେ ନାଟକ 'ସାରୀପୁତ୍ତ' ପରିବେଷଣ କରିଥିଲେ।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ବାଙ୍କୀ,୨୭।୩ (ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍‌ହାଉସ ଅନ୍ତର୍ଗତ କଦଳୀ ବାଡ଼ି ପଞ୍ଚାୟତସ୍ଥିତ ମାଳବିହାରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ିଯିବାରୁ ଜଣେ ଅଢ଼େଇ ବର୍ଷ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସେ ହେଲେ ଶ୍ରୀଧର ନାଏକଙ୍କ ପୁଅ ସୌମ୍ୟ। ୪ ଝିଅ ପରେ ତାଙ୍କର ଗୋଟିଏ ପୁଅ ଜନ୍ମ ହୋଇଥିଲା। ଶ୍ରୀଧରଙ୍କ ମା' ସବୁଦିନ ଭଳି ନାତି ସୌମ୍ୟକୁ ଧରି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପୋଖରୀ ବନ୍ଧ ଉପରେ ବୁଢ଼ୀ ମା' ନାତିକୁ ବସାଇ ଶୌଚ ହେବାକୁ ଯାଇଥିବାବେଳେ ସୌମ୍ୟ ଗୁରୁଣ୍ଡିବାକୁ ଯାଇ ପୋଖରୀ ଭିତରେ ପଡ଼ିଯାଇଥିଲେ। ବୁଢ଼ୀ ମା' ନାତିକୁ ନ ଦେଖି ଜୋରରେ ପାଟି କରିବାରୁ ସ୍ଥାନୀୟ ଲୋକେ ଦୌଡ଼ି ଆସି ପୋଖରୀରୁ ଶିଶୁଙ୍କୁ ଉଦ୍ଧାରକରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାର ସୌମ୍ୟଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସୁବର୍ଣ୍ଣପୁର ବିଟ୍‌ହାଉସ ଅଧିକାରୀ ପ୍ରସନ୍ନ କୁମାର ମହଳୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବ୍ୟବଚ୍ଛେଦ ପରେ ମୃତ ଶିଶୁଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୯ /୨୫) ରୁଜୁ କରାଯାଇଛି ବୋଲି ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ମହଳୀ କହିଛନ୍ତି।

# 'ସମାଜକୁ ସୁଧାରିବା ପାଇଁ ନାଟକ ଏକ ମାଧ୍ୟମ'



ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୀତିକାର ଡ. ରଜନୀ ରଞ୍ଜନ ଦାଶଙ୍କୁ କଳାଭାସ୍କର ସମ୍ମାନ ପ୍ରଦାନ କରାଯାଉଛି।

**କଟକ,୨୭।୩ (କାର୍ତ୍ତିକ ସାହୁ)**

ସମାଜକୁ ସୁଧାରିବା ପାଇଁ ନାଟକ ଏକ ପ୍ରକୃଷ୍ଟ ମାଧ୍ୟମ। ସାମ୍ପ୍ରତିକ ସମୟରେ ନାଟ୍ୟ ମଞ୍ଚର ପୁନରୁଦ୍ଧାର ଆବଶ୍ୟକତା ରହିଛି ବୋଲି ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ମହତାବ ରୋଡ଼ସ୍ଥିତ ନୀଳାଚଳ ସମବାୟ ଭବନରେ ଗୁରୁବାର ଅନୁଷ୍ଠିତ ବିଶ୍ୱ ନାଟ୍ୟ ଦିବସ କାର୍ଯ୍ୟକ୍ରମରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ପରିଷଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜୀତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର ନାରାୟଣ ସାହୁ, ଡ. ରମେଶ ଚନ୍ଦ୍ର ମଲ୍ଲିକ, ସ୍ମିତା ତ୍ରିପାଠୀ, କିଶୋର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ନାଟ୍ୟ ସାହିତ୍ୟ ଓ ନାଟ୍ୟକଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୋପୀନାଥ ପଣ୍ଡା, ଶିଶିର ମହାନ୍ତି, ଅମ୍ବିକା ପ୍ରସାଦ ମହାପାତ୍ର, ପୁରୁଷୋତ୍ତମ ରାଉତ, ନୃସିଂହ ଚନ୍ଦ୍ର ଦାସ, ତ୍ରିବିକ୍ରମ ମହାରଣା ଆଲୋଚନାରେ ଭାଗ ନେଇଥିଲେ। କେଶବ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନାଟ୍ୟକାର ଧନୁର୍ଦ୍ଧର ମିଶ୍ରଙ୍କ ନାଟକ ମରୁତୀର୍ଥକୁ ଅଭିନୟ ଢଙ୍ଗରେ ପଠନ କରାଯାଇଥିଲା।

## ବିଶ୍ୱ ନାଟ୍ୟ ଦିବସ

ନୀହାରିକା, ସ୍ୱାଗତିକା, ଅମରେଶ, ଦୀପ୍ତିରଞ୍ଜନ, ସୌଭାଗ୍ୟବନ୍ତ ପ୍ରମୁଖ କଳାକାର ପଠନରେ ଅଂଶଗ୍ରହଣ କରିଥିଲେ। ସେହିପରି ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ବିଶ୍ୱନାଟ୍ୟ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ. ଏସ୍. ନାଇଡୁ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡା. ଜୟନ୍ତ ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ନାରାୟଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଗୀତିକାର ଡ. ରଜନୀ ରଞ୍ଜନ ଦାଶଙ୍କୁ କଳାଭାସ୍କର ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ଜି. ବି. ଦାସମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଜ୍ଞାନ



@ ଅଭିଜିତ୍



@ ଜଗନ୍ନାଥ



@ ରିହାନ



@ ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାରୁଣୀ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**ଖୁଣ୍ଟୁଣୀ,୨୭।୩ (ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ବ୍ରହ୍ମପୁର ଗ୍ରାମସ୍ଥିତ ସିଦ୍ଧ ନାରାୟଣୀ ପୀଠ ମହାନଦୀର ବାରୁଣୀ ଘାଟରେ ଗୁରୁବାର ଅପରାହ୍ନ ୧୨ଟା ୩୫ରେ ବାରୁଣୀ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବୁଧବାର ବିଳମ୍ବିତ ରାତିରେ ସର୍ପେଶ୍ୱର ମହାଦେବ ସୁସଜ୍ଜିତ ବିମାନରେ ବ୍ରହ୍ମପୁରଠାରେ ପହଞ୍ଚିଥିଲେ। ପରେ ଗ୍ରାମବାସୀ ରୋଷଣୀ ଶୋଭାଯାତ୍ରାରେ ସର୍ପେଶ୍ୱରଙ୍କ ସହ ନୂଆ ଶାସନର ରାମେଶ୍ୱର ଓ ବ୍ରହ୍ମପୁରର ଗୋପାଳଜୀଉଙ୍କୁ ବ୍ରହ୍ମପୁର ଗ୍ରାମ ପରିକ୍ରମା କରାଇ ମହାମିଳନ ପର୍ବ ପାଇଁ କଖଡ଼ି ପାଲାତୋଟାକୁ ନେଇଥିଲେ। ଗୁରୁବାର ସକାଳେ ସର୍ପେଶ୍ୱର ଦେବ ସମସ୍ତ ଠାକୁରଙ୍କୁ ବାରୁଣୀ ସ୍ନାନ ନିମନ୍ତେ ବାରୁଣୀଘାଟକୁ ନିମନ୍ତ୍ରଣ କରିଥିଲେ। ଘାଟରେ ଧବଳେଶ୍ୱର ମହାଦେବଙ୍କ ସହିତ ୧୫ଟି ଠାକୁରବାଡ଼ିର ଠାକୁର ସ୍ନାନ କରିବା ପରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ବାରୁଣୀ ଘାଟରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁମାନେ ରୋଗ ଓ ପାପମୁକ୍ତ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ବୁଡ଼ରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଆଇଆଇସି ରଞ୍ଜନ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ବ୍ରହ୍ମପୁର ଗ୍ରାମ କମିଟି ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ପ୍ରମୋଦ କୁମାର ସ୍ୱାଇଁ, କୈଳାଶ ଚନ୍ଦ୍ର ସାହୁ, ବାଦଲ ସାମଲ, ଉମାକାନ୍ତ ସ୍ୱାଇଁ, ଧୋବି ବିଶ୍ୱାଳ, ଧର୍ଯ୍ୟଧର ନାୟକ, କବିରାଜ ସାହୁ, ଚିନ୍ତାମଣୀ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ମାନସ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡାଙ୍କ ସମେତ ଆଠଗଡ଼ ଅଗ୍ନିଶମ ବାହିନୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବାରୁଣୀ ଯାତ୍ରା ପଡ଼ିଆରେ ମୀନାବଜାର ସହିତ ୫ ଦିନ ବ୍ୟାପୀ ଅପେରା ପରିବେଷଣ କରାଯିବ।




କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପିଜି ଡିପାର୍ଟମେଣ୍ଟ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।




ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ୟୁଜି ଷ୍ଟୁଡେଣ୍ଟ ୟୁନିୟନ ପକ୍ଷରୁ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ ଓ ଅନ୍ୟମାନେ।

# ବୁଡ଼ ପକାଇଲେ ମାନସିକଧାରୀ

**ସାକ୍ଷୀଗୋପାଳ, ୨୭।୩ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)**

ଚୈତ୍ର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ଶତଭିଷା ନକ୍ଷତ୍ର ମହାବାରୁଣୀ ଯୋଗରେ ଗୁରୁବାର ବଳପୁର ଗ୍ରାମସ୍ଥିତ ଭାର୍ଗବୀ ନଦୀର ଭୃଗୁ ଘାଟରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ମହାବାରୁଣୀ ଯୋଗରେ ପୁଣ୍ୟତୋୟା ଭାର୍ଗବୀରେ ବୁଡ଼ ପକାଇଲେ ମହୋଦଧି ସ୍ନାନର ପୁଣ୍ୟ ମିଳିଥାଏ।

କଥିତ ରହିଛି, ବନବାସ ସମୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଏଠାରେ ଭୃଗୁ ମୁନିଙ୍କ ଆଶ୍ରମରେ ରାତ୍ରିଯାପନ କରିଥିଲେ। ସକାଳୁ ଭାର୍ଗବୀ ନଦୀରେ ସ୍ନାନ କରିବା ପରେ ଦେବଦେବ ମହାଦେବଙ୍କୁ ପୂଜା କରିବାକୁ ଆଞ୍ଜୁଳାଏ ବାଲିରେ ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ, ଯିଏ ଏବେ ବାଲୁଙ୍କେଶ୍ୱର ଠାକୁର ନାମରେ ପୂଜା ପାଉଛନ୍ତି। ଠାକୁରଙ୍କ ଅପାର ମହିମା ନେଇ ଭକ୍ତମାନଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି।

ବରାଳ ଗ୍ରାମର ବାଲୁଙ୍କେଶ୍ୱର ବଡ଼ଭାଇ ଏବଂ ବଳପୁର ଗ୍ରାମର ବାଲୁଙ୍କେଶ୍ୱର ସାନଭାଇଙ୍କୁ ନେଇ ଭୃଗୁ ଘାଟରେ ଅନୁଷ୍ଠିତ ହେଉଥିବା ସାଗର ସ୍ନାନ ଯାତ୍ରା ଭାଇଚାରାର ଅନନ୍ୟ ପରମ୍ପରା। ମଧ୍ୟାହ୍ନରେ ସାନଭାଇ ବଳପୁର ବାଲୁଙ୍କେଶ୍ୱର ବଡ଼ଭାଇ ବରାଳ ବାଲୁଙ୍କେଶ୍ୱରଙ୍କୁ ସାଗର ସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେ ରୀତିନୀତି ଅନୁଯାୟୀ ପହଞ୍ଚି ଥିଲେ। ମନ୍ଦିରରେ ୨ ଭାଇଙ୍କୁ ମୁକ୍ତିମଣ୍ଡପ ପଙ୍କ୍ତି ଭୋଗ କରାଯାଇଥିଲା। ବୀର କାହାଳୀ, ମହୁରୀ, ବାଜା, ଘଣ୍ଟ ମର୍ଦ୍ଦଳ, ସଂକୀର୍ତ୍ତନ ଏବଂ ହରିବୋଲ ହୁଳହୁଳି ଧ୍ୱନି ଦେଇ ୨ଟି ସୁସଜ୍ଜିତ ବିମାନରେ ଠାକୁର ଭାର୍ଗବୀ ନଦୀତଟସ୍ଥ ଭୃଗୁଘାଟକୁ ପଟୁଆରରେ ବିଜେ କରିଥିଲେ। ସେଠାରେ ଚାରିଘରିଆ ସେବାୟତମାନେ ନଦୀରୁ ଜଳ ସଂଗ୍ରହ କରିଥିଲେ। ଅଭିମନ୍ତ୍ରିତ ଜଳରେ ଠାକୁରଙ୍କ



ସୁସଜ୍ଜିତ ବିମାନରେ ଠାକୁର ଭାର୍ଗବୀ ନଦୀତଟସ୍ଥ ଭୃଗୁଘାଟକୁ ପଟୁଆରରେ ବିଜେ କରୁଛନ୍ତି ।

ବାରୁଣୀ ସ୍ନାନ ନୀତି ସମାପନ କରିଥିଲେ। ସେଠାରେ ପ୍ରତୀକ୍ଷା କରିଥିବା ହଜାର ହଜାର ମାନସିକଧାରୀ ଶ୍ରଦ୍ଧାଳୁ ନଦୀରେ ବୁଡ଼ ପକାଇବା, କେଶ ଦାନ କରିବା ଦେଖାଯାଇଥିଲା। ନିଃସନ୍ତାନ ମହିଳ ସନ୍ତାନ ପ୍ରାପ୍ତି ଆଶାରେ ଭୃଗୁ ଘାଟରେ ବୁଡ଼ ପକାଇଥିଲେ। ଏହି ଅବସରରେ ବ୍ରତୋପନୟନ ଓ ବିବାହରେ ବ୍ୟବହୃତ ମୁକୁଟ, ସନ୍ତରା ମସିଣା ଆଦି ନଦୀରେ ବିସର୍ଜନ କରାଯାଇଥିଲା।

ବିଭିନ୍ନ ଗ୍ରାମକୋଠ ଏବଂ ଦଳଦଳ ହୋଇ ନଦୀକୂଳରେ ଭୋଗ ପ୍ରସ୍ତୁତକରି ଠାକୁରଙ୍କୁ ନୈବେଦ୍ୟ ପ୍ରଦାନ କରିବା ସହ ନଦୀଘାଟରେ ପ୍ରସାଦ ସେବନ କରିଥିଲେ। ସେହିପରି ନଦୀର ଅପର ପାର୍ଶ୍ୱର ଘାଟରେ ଅନୁରୂପ ଭାବେ ସୁଆଣ୍ଡୋ ଗ୍ରାମର ଲୋକେଶ୍ୱର ଦେବ ଓ ବିଦ୍ୟାଧରପୁରର ଭାବ କୁଣ୍ଡଳେଶ୍ୱର ଦେବଘାଟକୁ ବିଜେ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇଥିଲେ। ଭାରପ୍ରାପ୍ତ ସତ୍ୟବାଦୀ ତହସିଲଦାର ତଥା ବିଡିଓ ଦେବାଶିଷ ନାୟକ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ଥାନା ଆଇଆଇସି ବିଜୟ କେତନ ବେହେରା ପୋଲିସ ଫୋର୍ସ ସହିତ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ମେଳା ପରିଚାଳନା କରିଥିଲେ। ସାକ୍ଷୀଗୋପାଳ ଠାକୁରଙ୍କ ସାଗର ସ୍ନାନ ଯାତ୍ରା ଉପଲକ୍ଷେ ଭାର୍ଗବୀ ନଦୀରେ ଚାପଖେଳ ବେଶ ଆକର୍ଷଣୀୟ ହୋଇଥିଲା।

## ଭୃଗୁ ଘାଟରେ ବାରୁଣୀ ସ୍ନାନ

ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ର କର୍ମଚାରୀଙ୍କ ସହିତ ସୁରକ୍ଷିତ ସ୍ନାନ ପ୍ରତି ନଜର ରଖିଥିଲେ। ଏହାସହ ପାନୀୟ ଜଳ, ସ୍ୱାସ୍ଥ୍ୟ ଶିବିର ଏବଂ ବିଭିନ୍ନ ସଙ୍ଗଠନର ସେବା ଶିବିର ଆଦି ଆୟୋଜିତ ହୋଇଥିଲା। ଯାତ୍ରା ପରିଚାଳନା ନିମନ୍ତେ ବରାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜ ବଲ୍ଲଭ ମିଶ୍ର, ବଳପୁର ମନ୍ଦିର ଟ୍ରଷ୍ଟି ନିରଞ୍ଜନ ମହାପାତ୍ରଙ୍କ ଦେଶ କମିଟି ସଦସ୍ୟ ଓ ସେବାୟତଙ୍କ ତତ୍ପରତା ପ୍ରକାଶ ପାଇଥିଲା। ଅନୁରୂପ ଭାବରେ ଦୁଗଲ ଗ୍ରାମର ଓ ଗଙ୍ଗା ନାରାୟଣପୁର

## ଭାବକୁଣ୍ଡଳେଶ୍ୱରପୀଠରେ ବାରୁଣୀ ସ୍ନାନ

**ବ୍ରହ୍ମଗିରି, (ସ୍ୱାଧୀନ ଚମ୍ପତିରାୟ)**

କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଣିକପାଟଣାଠାରେ ଗୁରୁବାର ସକାଳୁ ଭାବନାଥ ବୁଡ଼ ଅନୁଷ୍ଠିତ ହୋଇଯାଇଛି। ଭାବରୁ ଭକ୍ତି, ଭକ୍ତିରୁ ଭଗବାନ। ଭକ୍ତର କାନର କୁଣ୍ଡଳ ସ୍ଥାପନରେ ନିଜେ ବିରାଜମାନ କରନ୍ତି। ଏଠାରେ ଅବସ୍ଥାପିତ ଶୈବପୀଠ ଯେ କି ଭକ୍ତର କାନ କୁଣ୍ଡଳରେ ସ୍ଥାପିତ ହୋଇ ଯୁଗେ ଯୁଗେ ଭାବକୁଣ୍ଡଳେଶ୍ୱର ନାମରେ ନାମିତ ହୋଇ ପୂଜା ପାଉଛନ୍ତି।

ମହୋଦଧି ଓ ନୀଳାମ୍ବୁ ଚିଲିକା କୂଳରେ ବିରାଟ ବାଲୁକା ସ୍ତୁପ ଉପରେ ଅବସ୍ଥିତ ଏହି ଭାବ କୁଣ୍ଡଳେଶ୍ୱର ମନ୍ଦିର। ପୁରୁଷୋତ୍ତମ ରାମଚନ୍ଦ୍ର ବନବାସ ସମୟରେ ସ୍ଥାପନ କରିଥିବା ଋଷିକୂଲ୍ୟା ନଦୀକୂଳରେ କୁମ୍ଭେଶ୍ୱର, ବେଲେଶ୍ୱର, ଲୋକନାଥେ ଓ ଭାବକୁଣ୍ଡେଳଶ୍ୱର ଶୈବପୀଠ ମଧ୍ୟରୁ ଏହି ଭାବକୁଣ୍ଡେଳଶ୍ୱର ଅନ୍ୟତମ। ଶ୍ରୀକ୍ଷେତ୍ରରୁ ଦକ୍ଷିଣାଭିମୁଖୀ ହୋଇ ଚିଲିକା ତୀରେ ଯିବା ସମୟରେ ଭାବ ବିହ୍ୱଳ ହୋଇ ନିଜର ମଣିମୟ ମକର କୁଣ୍ଡଳକୁ ସ୍ଥାପନ କରି ଭଗବାନ ଶିବଙ୍କୁ ଉପାସନା କରିଥିବାରୁ ଏହା ଭାବକୁଣ୍ଡଳେଶ୍ୱର ନାମରେ ନାମିତ ହୋଇଛି।

ଏହି ୫୦୦ ବର୍ଷରୁ ଅଧିକ ପୁରାତନ ଶୈବପୀଠର ମୁଖ୍ୟ ପର୍ବ ବାରୁଣୀ ସ୍ନାନ। ଏହି ସ୍ନାନ ପାଇଁ ଗୁରୁବାର ହଜାର ହଜାର ଭକ୍ତ ସମାଗମ ହୋଇଥିଲା। ଭକ୍ତଙ୍କ ଭକ୍ତିଭାବରେ କିଛି ସମୟ ପାଇଁ ଏଠାରେ ଥିବା ଏକ ଲୁଣାଜଳର ପୁଷ୍କରିଣୀ ମଧୁର ଜଳରେ ପରିଣତ ହୁଏ ବୋଲି ଅନେକ ଭକ୍ତ କୁହନ୍ତି। ସନ୍ଧ୍ୟାରେ ମାଣିକପାଟଣା ସାଂସ୍କୃତିକ ପରିଷଦ ପକ୍ଷରୁ ଏଠାରେ ମାଣିକା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ତରୁଣ କବି ଦାମୋଦର ପରିଡ଼ା, ଦିଗାମ୍ବର ବେହେରା, ଭାଗୀରଥି ଦଳାଇ, ମିତାଲି ପ୍ରିୟଦର୍ଶନୀ, ସରୋଜ ଲେଙ୍କା, ଆଲୋକ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।




୨୭।୩।୨୦୨୫

| ୫,୦୧,୦୧୪ ଟଙ୍କା | |
| --- | --- |
| ସୁନା | ୯.୯୦୦ ଗ୍ରାମ୍ |
| ରୁପା | ୧୦୪.୯୦୦ ଗ୍ରାମ୍ |

## ଶ୍ରୀମନ୍ଦିରରେ ଭକ୍ତଙ୍କୁ ଲୁଟ୍: ୨ ଗିରଫ

**ପୁରୀ, ୨୭।୩(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିରରେ ଭକ୍ତଙ୍କଠାରୁ ଲୁଟ୍ କରିବା ଅଭିଯୋଗରେ ଗୁରୁବାର ସିଂହଦ୍ୱାର ଥାନା ପୋଲିସ ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ମହାରାଷ୍ଟ୍ର ନାଗପୁର ସହରର ଖୁସି କାଲେ ଏବଂ ଅକ୍‌ସିତା ପାୱାର। ପୋଲିସ ଅଭିଯୁକ୍ତ ଦ୍ୱୟଙ୍କ ନିକଟରୁ ଏକ ସୁନାର ମଙ୍ଗଳସୂତ୍ର ଜବତ କରିଛି। ଏନେଇ ସିଂହଦ୍ୱାର ଥାନାରେ ଏକ କେସ୍ (ନଂ. ୩୬/୨୫) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର କନ୍ଧମାଳର ଶୀତଲ ପ୍ରଧାନ ତାଙ୍କ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଶ୍ରୀମନ୍ଦିରକୁ ଯାଇଥିଲେ। ଜୟବିଜୟ ଦ୍ୱାର ନିକଟରେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଧକ୍କାଦେଇ ତାଙ୍କ ବେକରୁ ସୁନାହାର ଲୁଟିନେଇଥିଲେ। ଏହି ସମୟରେ ଶୀତଲ ପାଟି କରିବାରୁ ସେଠାରେ ଥିବା ସାଦା ପୋଷାକଧାରୀ ପୋଲିସ ୨ ଅଭିଯୁକ୍ତଙ୍କୁ କାବୁ କରିଥିଲେ।

## କନ୍ୟା ଜନ୍ମହାର ବୃଦ୍ଧି ଦିଗରେ ସଚେତନ ହେବା




'ବେଟି ବଞ୍ଚାଅ ବେଟି ପଢ଼ାଅ' ଶୀର୍ଷକ କର୍ମଶାଳାରେ ମଞ୍ଚାସୀନ ଅତିଥିଙ୍କ ସହ ଅନ୍ୟମାନେ ।

**କୋଣାର୍କ, ୨୭।୩(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ଯାତ୍ରୀ ନିବାସଠାରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଆର୍ଥିକ ସହାୟତାରେ ପୁରୀ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ 'ବେଟି ବଞ୍ଚାଅ ବେଟି ପଢ଼ାଅ' ଶୀର୍ଷକ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଉପସଚିବ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ଶାସନ ସଚିବ ଜ୍ୟୋତିରଞ୍ଜନ ନାୟକ, ଗୋପ ତହସିଲଦାର ଅନିଲ କୁମାର ମହାନ୍ତି, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ଜସ୍ମିନ ଆପ୍ରୋଚ ଓ କାକଟପୁର ଥାନା ଆଇଆଇସି ଉମେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। କନ୍ୟାଭ୍ରୂଣ ନିରୂପଣ କରିବା ଆଇନତଃ ଅପରାଧ ଆକ୍ଟ-୧୯୯୪କୁ କଡ଼ାକଡ଼ି ଭାବେ ପାଳନ କରି କନ୍ୟା ଜନ୍ମହାର ବୃଦ୍ଧି ଦିଗରେ ସଚେତନତା ସୃଷ୍ଟି କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। କନ୍ୟା ସନ୍ତାନ ମୃତ୍ୟୁହାର ରୋକିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣି ଶିକ୍ଷାକ୍ଷେତ୍ରରେ ସେମାନଙ୍କ ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆଲୋକପାତ କରିଥିଲେ। କର୍ମଶାଳାରେ ପୁରୀ ଜିଲା ସିଡିପିଓ, ସୁପରଭାଇଜର, କୋଣାର୍କ ଅଞ୍ଚଳର ସ୍ୱାସ୍ଥ୍ୟକର୍ମୀ ଓ କୋଣାର୍କ ଏନ୍‌ଏସି ଏବଂ ଗୋପ ବ୍ଲକର କେତେଜଣ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚନ୍ଦ୍ରପ୍ରଭା ଦେଇ ଧନ୍ୟବାଦ ଦେଇଥିଲେ।

## ୬ଷ୍ଠ ଆରମ୍ଭ ମହୋତ୍ସବ ଉଦ୍‌ଘାଟିତ

**ପୁରୀ, ୨୭।୩(ଅଜିତ୍ କୁମାର ମହାନ୍ତି)**

ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଗୁରୁବାର 'ଡି ଡ୍ୟାନ୍ସ' ପକ୍ଷରୁ ଷଷ୍ଠ 'ଆରମ୍ଭ ମହୋତ୍ସବ' ହୋଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅମିତ୍ କୁମାର ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ନିଶାନ୍ତ ସାହୁ, ଅନିରୁଦ୍ଧ ରାଉତ୍, ଶୁଚିସ୍ମିତା ପୃଷ୍ଟି ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁଭାଷ ମିଶ୍ର, ଚିନ୍ମୟୀ ଦେଓ, ସନ୍ତୋଷ ବିନ୍ଧାଣି ଓ ଜ୍ଞାନ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଆରମ୍ଭ ପରିବାର ଏବଂ ଏଲ ସାଇନ୍‌ର କଳାକାରମାନେ ନାଟକ 'ଉପହାର' ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସଭାପତି ପ୍ରଦୀପ ମିଶ୍ର, ଉପସଭାପତି ସମୀର ଶତପଥୀ, ସମ୍ପାଦକ ଦେବାଶିଷ ସିଂ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ମିଶ୍ର, ସୁଜିତ୍ କୁମାର ରାଉତରାୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଆଶୁତୋଷ ପଟ୍ଟନାୟକ, ରାକେଶ କୁମାର ଜେନା, ଗଣେଶ୍ୱର ଦାସ, ପ୍ରଣୟ ରଣସିଂହ, ପ୍ରଭୁପାଦ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ଜ୍ୟୋତି ରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

### -ଉନ୍ନତିମୂଳକ କାର୍ଯ୍ୟରେ ଅର୍ଥ ଆତ୍ମସାତ୍

**ଯୋଗେଶ୍ୱରପୁର, ୨୭।୩ (ରଶ୍ମିରଞ୍ଜନ ସାହୁ)**

ଗୋପ ବ୍ଲକ୍‌ର ଇଶାଣପୁର ପଞ୍ଚାୟତରେ ସରକାରୀ ଅର୍ଥ ହରିଲୁଟ୍‌ର ତଦନ୍ତ ପାଇଁ ଆମପଡ଼ା ଗ୍ରାମର ପଦ୍ମଲାଭ ବିଶ୍ୱାଳ କରିଥିବା ଆବେଦନକୁ ହାଇକୋର୍ଟ ଗ୍ରହଣକରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଏ ନେଇ ଜିଲାପାଳ, ଗୋପ ବିଡିଓ ଏବଂ ଦୁର୍ନୀତି ନିବାରଣ ବିଭାଗର ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଇଶାଣପୁର ପଞ୍ଚାୟତରେ ରାସ୍ତା, ସ୍କୁଲକୋଠା ଓ କୋଠଘର ସମେତ ଅନେକ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନର ହୋଇଥିବାବେଳେ ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏଥିସହ ବେସରକାରୀ ଜାଗାରେ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି। ବିଶ୍ୱାଳ ଏ ନେଇ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟରେ ଏକ କେସ୍ (ନଂ. ଡବ୍ଲ୍ୟୁପି (ସି)୯୭୬୦/୨୦୨୫, ୭୩୦୮/୨୦୨୫ ତା-୧୭।୩।୨୦୨୫) ରୁଜୁ ହୋଇଛି। ପୁରୀ ଦୁର୍ନୀତି ନିବାରଣ ବିଭାଗ ଏସ୍‌ପି ସମେତ ଜିଲାପାଳ, ଗୋପ ବିଡିଓ, ସହକାରୀ ଯନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ତଦନ୍ତକରି ୧ ମାସ ମଧ୍ୟରେ ରିପୋର୍ଟ ଦେବାପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

## ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ପୁନରୁଦ୍ଧାର ଦାବି

**ପୁରୀ, ୨୭।୩(ଅଜିତ୍ କୁମାର ମହାନ୍ତି)**

ନାଟକର ଅନ୍ତୁଡ଼ିଶାଳ ଭାବେ ପରିଚିତ ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ପୁନରୁଦ୍ଧାର ପାଇଁ ଓଡ଼ିଶା ଯୁବଚେତନା ସଙ୍ଗଠନ ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ନିର୍ମାଲ୍ୟ ସମ୍ପାଦକ ବିଶ୍ୱନାଥ ମିଶ୍ର ଏବଂ ଭକ୍ତିନିର୍ମାଲ୍ୟ ସମ୍ପାଦକ ରାଜେନ୍ଦ୍ର ମିଶ୍ର ପ୍ରମୁଖ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ଉଲ୍ଲେଖ ରହିଛି, ସରକାର ଓ ପ୍ରଶାସନର ନୀରବତା ଭିତରେ ଗୁମୁରି କାନ୍ଦୁଛି ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ। ପାଖାପାଖି ୫୦ ବର୍ଷ ଧରି ଭଗ୍ନସ୍ତୁପ ପ୍ରାୟ ପଡ଼ିରହିଛି ଏହି ମଞ୍ଚ। ଟିଣ ଛପର ଓ ବିନା ଶୀତତାପ ନିୟନ୍ତ୍ରିତ ଗୃହରେ ନାଟକ ଦେଖିଛନ୍ତି ଦର୍ଶକ। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପୁନରୁଦ୍ଧାର ପାଇଁ ପ୍ରଥମେ ଅଣ୍ଟା ଭିଡ଼ିଥିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ। ସେବେଠାରୁ ଅଦ୍ୟାବଧି ପୁରୀର ଅନେକ ଅନୁଷ୍ଠାନ ଓ କଳାକାର ଏଥିଲାଗି ପ୍ରୟାସ କରିଛନ୍ତି, ହେଲେ ସମସ୍ତେ ନିରାଶ ହୋଇଛନ୍ତି। ଓଡ଼ିଶା ଯୁବ ଚେତନା ସଙ୍ଗଠନର ଦାବି ଉପରେ ଗତ ସରକାର ପଦକ୍ଷେପ ନେଇଥିଲେ। ମାତ୍ର ଅନେକ କାର୍ଯ୍ୟ ବାକି ରହିଯାଇଥିଲା। ନୂତନ ସରକାରଙ୍କୁ ୮ଥର ଭେଟିଲାଣି ସଙ୍ଗଠନ। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ନବନିର୍ମାଣ ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୨ବର୍ଷ ତଳୁ ଆସିଥିବା ଅର୍ଥର ବିନିଯୋଗ ଏବଂ ଜିଲା ସଂସ୍କୃତି ଭବନ ମଞ୍ଚରେ ଦୀର୍ଘବର୍ଷ ଧରି ଅଚଳାବସ୍ଥାରେ ଥିବା ଜେନେରେଟରର ସଦୁପଯୋଗ ନେଇ ଆଲୋଚନା ହୋଇଥିଲା। ବୁଧବାର ଅନୁଷ୍ଠାନ ପକ୍ଷରୁ ସଂସ୍କୃତି ମନ୍ତ୍ରୀଙ୍କୁ ଏନେଇ ଦାବିପତ୍ର ଦିଆଯାଇଥିଲା। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## ୮୦ ଭାଗ ନଳକୂପ ଅଚଳ: ମିଳୁନି ପର୍ଯ୍ୟାପ୍ତ ଯନ୍ତ୍ରାଂଶ

**ଗୋପ, ୨୭।୩ (ଭାରତୀ ଭୂଷଣ ଉପାଧ୍ୟାୟ)**

ଆବଶ୍ୟକତା ଅନୁଯାୟୀ ନଳକୂପ ମରାମତି କାର୍ଯ୍ୟ ଲାଗି ଜଳ ପରିମଳ ବିଭାଗ ପକ୍ଷରୁ ଯନ୍ତ୍ରାଂଶ ମିଳିଲାନି। ଶହଶହ ନଳକୂପ ଅଚଳ ମଧ୍ୟରୁ କିଛିଟା ସଚଳ ହୋଇଥିବାବେଳେ ଏବେ ବି ପଞ୍ଚାୟତର ବିଭିନ୍ନ ଗାଁରେ ପିଇବା ପାଣି ସଙ୍କଟ ଲାଗି ରହିଥିବା ଗୋପ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଗୁରୁବାର ଅଭିଯୋଗ ହୋଇଛି। ଗୋପ ବ୍ଲକ ୩ଟି ନିର୍ବାଚନମଣ୍ଡଳୀ ଓ ୨ଟି ଲୋକ ସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବାରୁ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଫଳରେ ଅନେକ ଅସୁବିଧାର ସମାଧାନ ହେଉ ନାହିଁ ବୋଲି ମହଲପଡ଼ା ସରପଞ୍ଚ



ଏକ ନଳକୂପକୁ ସଚଳ କରାଯାଉଛି ।

### ପିଇବା ପାଣି ପାଇଁ ଲୋକେ ତହଳବିକଳ

ଶୀର୍ଷ ରଞ୍ଜନ ନାୟକ କହିଛନ୍ତି।

ପ୍ରକାଶ ଯେ, ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ଖରାଦିନ ଆରମ୍ଭରୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏଥିସହ ବିଭିନ୍ନ ପଞ୍ଚାୟତରେ ସରକାରୀ ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଥିଲା। ଏଥିନେଇ ବ୍ଲକ ଜଳ ପରିମଳ ବିଭାଗ ପକ୍ଷରୁ ବ୍ଲକର ଲୋକ ପ୍ରତିନିଧିଙ୍କୁ ଏକ ବୈଠକ ଡକାଯିବାରେ ଅସନ୍ତୋଷ ଦେଖା ଦେବା ସହିତ ସରପଞ୍ଚ ସଂଘ ସଭାପତି ମହେଶ୍ୱର ସ୍ୱାଇଁ, ମହଲପଡ଼ା ସରପଞ୍ଚ ନାୟକ, ନୂଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ ପ୍ରମୁଖ ପାଟିତୁଣ୍ଡ କରିବା ସହ ତୁରନ୍ତ ନଳକୂପ ଯନ୍ତ୍ରାଂଶ ଯୋଗାଇ ଦେବାକୁ ଦାବି କରିଥିଲେ। ଖୁବ୍‌ଶୀଘ୍ର ନଳକୂପ ଯନ୍ତ୍ରାଂଶ ଯୋଗାଇ ଦିଆଯିବ ବୋଲି ବ୍ଲକ ପକ୍ଷରୁ କୁହାଯାଇଥିଲା। ହେଲେ ବିଳମ୍ବରେ ଏହି ନଳକୂପ ଯନ୍ତ୍ରାଂଶ ବିଭିନ୍ନ ପଞ୍ଚାୟତକୁ ଯାଇଥିବାବେଳେ ଆବଶ୍ୟକତା ଅନୁଯାୟୀ ଦିଆଯାଇ ନ ଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଗୋପରେ ଥିବା ୨ ହଜାରରୁ ଅଧିକ ନଳକୂପ ମଧ୍ୟରୁ ୮୦ ଭାଗ ଅଚଳ ହୋଇ ପଡ଼ିଥିବା ଜଣା ପଡ଼ିଥିବାବେଳେ ଅଧିକ ମାତ୍ରାରେ ନଳକୂପ ଯନ୍ତ୍ରାଂଶ ଦେବାକୁ ଦାବି କରାଯାଇଛି। ପିଇବା ପାଣି ସଙ୍କଟ ଯୋଗୁ ସାଧାରଣ ଲୋକେ ତହଳବିକଳ ହେଉଥିବାବେଳେ ଗଡ଼ିଆ ପୋଖରୀରୁ ପାଣି ପିଉଛନ୍ତି। ଏ ସମ୍ପର୍କରେ ବ୍ଲକ ଜଳ ପରିମଳ ବିଭାଗ ଯନ୍ତ୍ରୀ ଉର୍ବଶୀ ଆଚାର୍ଯ୍ୟଙ୍କୁ ପଚାରିବାରେ, ଯେତିକି ନଳକୂପ ଯନ୍ତ୍ରାଂଶ ଆସିଥିଲା, ତାହାକୁ ପ୍ରତ୍ୟେକ ପଞ୍ଚାୟତକୁ ବଣ୍ଟାଯାଇଛି। ଆଉ ଆସିଲେ ଦିଆଯିବ ବୋଲି ଆଚାର୍ଯ୍ୟ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଜ୍ଞାନ



@ ଅଭିଜିତ୍



@ ଜଗନ୍ନାଥ



@ ରିହାନ



@ ରଶ୍ମିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଉଦ୍‌ଘାଟିତ

**ବେଗୁନିଆ, ୨୭।୩(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ସାନ ତୁଳସୀପୁରସ୍ଥିତ ମା'ବାୟାଣୀ ଦେବୀଙ୍କ ପୀଠରେ ବାର୍ଷିକ ଓଡ଼ିଶୀ ସଂକୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସ ଶୋଭାଯାତ୍ରା ପରେ ମନ୍ଦିର ପରିସରରେ କଳସ ସ୍ଥାପନ କରାଯାଇଥିଲା। ତୁଳସୀପୁର ସଂକୀର୍ତ୍ତନ ମଣ୍ଡଳୀର ଗାୟକ ଉପେନ୍ଦ୍ର କୁମାର ଦାନ, କାଦୁଅପଡ଼ା ସଂକୀର୍ତ୍ତନ ମଣ୍ଡଳୀ ଗାୟକ ଅଭିଜିତ ହୋତା, ଭୋଗଡ଼ା ସଂକୀର୍ତ୍ତନ ମଣ୍ଡଳୀ ଗାୟକ ଗଣେଶ ନିଶଙ୍କ, ପଳାଶପୁର ସଂକୀର୍ତ୍ତନ ମଣ୍ଡଳୀ ଗାୟକ ରଶ୍ମି ରଞ୍ଜନ ବେହେରା, ସାନପଦର ସଂକୀର୍ତ୍ତନ ମଣ୍ଡଳୀ ଗାୟକ ଗଙ୍ଗାଧର ପରମାଣିକ, ପଥୁରୀପଡ଼ା ସଂକୀର୍ତ୍ତନ ମଣ୍ଡଳୀ ଗାୟକ ସୁବାସ ଚନ୍ଦ୍ର ମହାପାତ୍ର, ନିମାପଡ଼ା ସଂକୀର୍ତ୍ତନ ମଣ୍ଡଳୀ ଗାୟକ ଧନେଶ୍ୱର ମାଝୀ ପ୍ରମୁଖ ଯୋଗଦେଇ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩୦ତାରିଖରେ ନଗର କୀର୍ତ୍ତନ ପରେ ଉତ୍ସବ ଉଦ୍‌ଯାପିତ ହେବ।

### ମହୋତ୍ସବ 'ମାଣିକ' ଉଦ୍‌ଘାଟିତ

**କଳାପଥର, ୨୭।୩(ଗଙ୍ଗାଧର ସାହୁ):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଣିବନ୍ଧଠାରେ ଚାଲିଥିବା ଦଶଦୋଳ ଯାତ୍ରା ଅବସରରେ ଗ୍ରାମର ଆରାଧ୍ୟ ମାଣିକେଶ୍ୱର ଦେବଙ୍କ ନାମରେ ନାମିତ ମାଣିକ ମହୋତ୍ସବ-୨୦୨୫ ସ୍ଥାନୀୟ ଦୋଳଯାତ୍ରା ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବକୁ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଉଦ୍‌ଘାଟନ କରିଥିଲେ। ମହୋତ୍ସବର ସଭାପତି ପ୍ରଦୀପ୍ତ କିଶୋର ଛୋଟରାୟଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏହି ଦଶଦୋଳକୁ ୨୭ ଗ୍ରାମର ଠାକୁରମାନେ ନିମନ୍ତ୍ରିତ ହୋଇଆସିଛନ୍ତି। ଏହି ଅବସରରେ ଗଙ୍ଗାଧର ସାହୁ, ରମେଶ ରଞ୍ଜନ ସାହୁ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଗଙ୍ଗାଧର ଦାଶ, ସମିତି ସଭ୍ୟ ପ୍ରଦୀପ କୁମାର ପ୍ରଧାନ, ବିଜୟ କୁମାର ସୁବୁଦ୍ଧିଙ୍କ ସମେତ ୮ଜଣ ଆଦର୍ଶ ଶିକ୍ଷକ ଏବଂ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନନ୍ତ ସାଂସ୍କୃତିକ ଅନୁଷ୍ଠାନ, ଆଞ୍ଚଳିକ କଳାପରିଷଦ ସମେତ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କବି ଅଖିଳେଶ ମହାପାତ୍ର ସଂଯୋଜନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ସାନନ୍ଦ ଚନ୍ଦ୍ର ବାହୁବଳେନ୍ଦ୍ର ଧନ୍ୟବାଦ ଦେଇଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବେଗୁନିଆ, ୨୭।୩(ସନ୍ଧ୍ୟାରାଣୀ ମିଶ୍ର):** ଚଳିତ ବର୍ଷ ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀ ପ୍ରାଚୀ ପ୍ରିୟଦର୍ଶିନୀ ମହାରଣା ଏବଂ ଜୟନ୍ତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ପୋଡ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ ପ୍ରିୟାଂଶୁ ପୃଷ୍ଟି, ଭାରତୀୟ ବିଦ୍ୟାନିକେତନର ଐକାନ୍ତିକା ପ୍ରଧାନ ଓ ରୁଦ୍ର ସାମନ୍ତରାୟ, କଣ୍ଟାବାଡ଼ ସରସତୀ ଶିଶୁ ମନ୍ଦିରର ସଙ୍ଗୀତା ପ୍ରିୟଦର୍ଶିନୀ ପ୍ରଧାନ, ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଭାରତୀୟ ବିଦ୍ୟା ନିକେତନର ସାଇ ସୁଲଗ୍ନା ସ୍ୱାଇଁ, କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରର ସତ୍ତ୍ୱିକ ସ୍ୱରୂପ ପଣ୍ଡା, ଶୁଭସ୍ମିତା ପାଣିଗ୍ରାହୀ ଏବଂ ଗଂପୁର କଣ୍ଟାମଲିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲିପ୍ସା ରାଣୀ ପଣ୍ଡାଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି।

# ରାଜ୍ୟର ଆଉ ୮ ସହରରେ ଗଡ଼ିବ 'ମୋ ବସ୍'

**ଭୁବନେଶ୍ୱର, ୨୭।୩ (ବନ୍ଦନା ସେଠୀ)**

**ପ୍ରତ୍ୟେକ ସହରରେ ହେବ ପାସ୍ ବ୍ୟବସ୍ଥା**

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ)ର ୪୯ତମ ବୋର୍ଡ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା କ୍ରୁଟ ଚେୟାରମ୍ୟାନ ଅନୁ ଗର୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ୮ ନୂଆ ସହର ଯଥା ଅନୁଗୋଳ, ଝାରସୁଗୁଡା, ଯାଜପୁର, କେନ୍ଦୁଝର, ବାରିପଦା, ଜୟପୁର, ବାଲେଶ୍ୱର ଏବଂ ରାୟଗଡ଼ାରେ 'ମୋ ବସ୍' ଚଳାଚଳ କରିବାକୁ ଯୋଜନା କରାଯାଇଛି। ସେହିପରି ରାଜ୍ୟରେ ସହରାଞ୍ଚଳ ପରିବହନକୁ ଅଧିକ ବୃଦ୍ଧି କରିବାକୁ ପ୍ରମୁଖ ରଣନୀତି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଯାତ୍ରୀଙ୍କ ପ୍ରତି ଉତ୍ତମ ସୁରକ୍ଷା ଏବଂ ଗୁଣବତ୍ତା ସେବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହିତ କ୍ରୁଟ୍‌ର କାର୍ଯ୍ୟକଳାପ ଉପରେ ଆଲୋଚନା ସହ ସମୀକ୍ଷା କରାଯାଇଥିଲା। ଯାତ୍ରୀଙ୍କ ସୁରକ୍ଷା ପାଇଁ ଦୁର୍ଘଟଣା ରୋକିବାର ଲାଗି ବ୍ୟବସ୍ଥା କରାଯାଇଛି। ଅତ୍ୟଧିକ ଗତିଜନିତ ବିପଦକୁ ହ୍ରାସ କରିବା ପାଇଁ ବସ୍‌ଗୁଡିକର ଗତିସୀମା ପ୍ରଚଳନ କରାଯାଇଛି। ଇ-ବସ୍ ଘଣ୍ଟାପ୍ରତି ୩୫ କିମି, ଡିଜେଲ ବସ୍ (ସହର ରୁଟ୍) ଘଣ୍ଟାପ୍ରତି ୪୦କି.ମି., ଡିଜେଲ୍ ବସ୍ (ଆନ୍ତଃନଗର ରାଜପଥ) ଘଣ୍ଟାପ୍ରତି ସର୍ବାଧିକ ୫୦କି.ମି. ବେଗରେ ଚାଲିବାକୁ ନିର୍ଦ୍ଧାରଣ କରାଯାଇଛି। ମୋ ବସ୍‌ର ସମସ୍ତ କର୍ମଚାରୀଙ୍କ ପାଇଁ ନିୟମିତ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି। ବସ୍ତୁ ପରିଚାଳନା, ଗତିବିଧି ଲକ୍ଷ୍ୟ କରି କ୍ୟାପ୍‌ଟେନ୍‌ମାନଙ୍କୁ ସଚେତନ ଏବଂ ଏଆଇ ମାଧ୍ୟମରେ କଣ୍ଟ୍ରୋଲ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୮ଟି ମୋ ବସ୍‌ରେ ପରୀକ୍ଷାମୂଳକ ଭାବେ ଆଡ୍‌ଭାନ୍ସଡ୍ ଡ୍ରାଇଭର ଆସିଷ୍ଟାଣ୍ଟ ସିଷ୍ଟମ ଏବଂ ଡାସ୍ କ୍ୟାମ୍‌ର ବ୍ୟବହାର କରାଯାଇଛି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରତି ମାସରେ ଦୁର୍ଘଟଣାର ତଦନ୍ତ ସହ ସମୀକ୍ଷା ବୈଠକ ମାଧ୍ୟମରେ ବିଶ୍ଳେଷଣ କରାଯିବ। ଯାତ୍ରୀ ସହାୟତାକୁ ଆହୁରି ବୃଦ୍ଧି କରିବା ପାଇଁ ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ସହାୟତା ପାଇଁ ଟୋଲ-ଫ୍ରି ନମ୍ବର (୧୮୦୦୫୭୦୦୨୧୮) ଜାରି କରାଯାଇଛି। ସେହିପରି ଭୁବନେଶ୍ୱରରେ ଉପଲବ୍ଧ ଥିବା ପାସ୍ ସିଷ୍ଟମ ଖୁବ୍‌ଶୀଘ୍ର ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ସମେତ ମୋ ବସ ସେବା ଉପଲବ୍ଧ ଥିବା ଅନ୍ୟ ସହରଗୁଡିକରେ ପ୍ରଚଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ତଥା କ୍ରୁଟ ଉପାଧ୍ୟକ୍ଷ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ରାଜ୍ୟ ପରିବହନ କମିଶନର୍ ଅମିତାଭ ଠାକୁର ଏବଂ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଏନ ଥିରୁମାଲା ନାଏକ ଉପସ୍ଥିତ ଥିଲେ।



ମାଣିବନ୍ଧଠାରେ ଚାଲିଥିବା ଦଶଦୋଳ ଯାତ୍ରା ଅବସରରେ ଅନୁଷ୍ଠିତ ମାଣିକ ମହୋତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ଏବଂ ଅନ୍ୟମାନେ।

### ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାରେ କାର୍ଡ ବଣ୍ଟନର ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ, ୨୭।୩(ରଘୁନାଥ ସାହୁ):** ଆସନ୍ତା ଏପ୍ରିଲ ୧ରୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଲୋକେ କିଭଳି ଏହି ଯୋଜନା ମାଧ୍ୟମରେ ସ୍ୱାସ୍ଥ୍ୟବୀମା କାର୍ଡ ପାଇପାରିବେ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକରେ ଶେଷ ହୋଇଛି ସମସ୍ତ ପ୍ରକ୍ରିୟା। ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ ପାଇଁ ଗୁରୁବାର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା.ସତ୍ୟ ରଞ୍ଜନ ନନ୍ଦଙ୍କ ସଭାପତିତ୍ୱରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଟାଙ୍ଗୀ ବ୍ଲକର ୨୬ଟି ପଞ୍ଚାୟତର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର କବିତା ସାହୁ, ପବ୍ଲିକ ହେଲ୍‌ଥ ଅଫିସର ଝୁମାରାଣୀ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ସଚେତନ କରାଇଥିଲେ। ଆସନ୍ତା ୧ତାରିଖରେ ଏହି ଯୋଜନା ରାଜ୍ୟରେ ଲାଗୁ ହେବାକୁ ଥିବା ବେଳେ ସେହିଦିନ ପ୍ରତ୍ୟେକ ପଞ୍ଚାୟତରେ ୨୫ ଜଣ ଲେଖାଏ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଏ ବର୍ଷ ଭୁବନେଶ୍ୱର ବିମାନବନ୍ଦର ଦେଇ ୧୦୩ ବିମାନ ଚଳାଚଳ କରିଛି

**ଭୁବନେଶ୍ୱର, ୨୭।୩ (ବନ୍ଦନା ସେଠୀ)**

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ୨୦୨୩-୨୪ ଆର୍ଥିକ ବର୍ଷରେ ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକ୍‌କୁ ଗୋଟିଏ ଲେଖାଏ ୩ଟି ବିମାନ ଚଳାଚଳ କରିଛି। ସେହିପରି ୨୦୨୪-୨୫ (ଫେବୃଆରୀ) ପର୍ଯ୍ୟନ୍ତ ଦୁବାଇ, ସିଙ୍ଗାପୁର, ବ୍ୟାଙ୍କକ୍ ଏବଂ କୁଆଲାଲାମ୍ପୁରକୁ ଗୋଟିଏ ଲେଖାଏ ମୋଟ୍ ୪ଟି ଅନ୍ତର୍ଜାତୀୟ ବିମାନ ଚଳାଚଳ କରିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ଭୁବନେଶ୍ୱର ବିମାନବନ୍ଦର ଦେଇ ରାଜ୍ୟ ବାହାରକୁ ୯୪ଟି ବିମାନ ଚଳାଚଳ କରିଥିବାବେଳେ ୨୦୨୪-୨୫ (ଫେବୃଆରୀ)ରେ ୧୦୩ଟି ବିମାନ ଚଳାଚଳ କରିଛି। ସେଥିମଧ୍ୟରୁ ଦିଲ୍ଲୀକୁ ସର୍ବାଧିକ ୨୦ଟି ବିମାନ ଚଳାଚଳ କରିଥିବା ଗୁରୁବାର ବିଧାନସଭାରେ ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ରାଜ୍ୟରେ ଆଞ୍ଚଳିକ ବିମାନ ଚଳାଚଳ ବ୍ୟବସ୍ଥା ସୁଦୃଢ଼ୀକରଣ ଓ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ଓଡ଼ିଶା ବେସାମରିକ ବିମାନ ଚଳାଚଳ ନୀତି-୨୦୨୨ର ପ୍ରଣୟନ କରିଛନ୍ତି। ଏହାବାଦ୍ ରାଜ୍ୟରେ ବିମାନ ସଂଯୋଗ ବୃଦ୍ଧିକରି ସାମାଜିକ ଏବଂ ଅର୍ଥନୈତିକ ବିକାଶ ଆଣିବା ଉଦ୍ଦେଶ୍ୟରେ ନୂତନ ଗନ୍ତବ୍ୟ ନୀତି ଘୋଷଣା କରାଯାଇଛି। ଏହି କ୍ରମରେ ରାଜ୍ୟର ଭୁବନେଶ୍ୱର, ଝାରସୁଗୁଡ଼ା, ରାଉରକେଲା, ଜୟପୁର ଏବଂ ଉତ୍କେଳାଠାରେ ୫ଟି କାର୍ଯ୍ୟକ୍ଷମ ବିମାନବନ୍ଦର ଥିବାବେଳେ କେନ୍ଦୁଝରର ବଡ଼ବିଲ, ସମ୍ବଲପୁରର ଜମାଦାରପଲ୍ଲୀ, ବଲାଙ୍ଗୀରର ତୁଷରା, ବରଗଡ଼ର ସତୀଭଟା, ନୂଆପଡାର ଗୋଟମା, କନ୍ଧମାଳର ଗୁଡ଼ାରି, ମାଲକାନଗିରି ଏବଂ ମୟୂରଭଞ୍ଜର ଦାଣ୍ଡବୋଷଠାରେ ଥିବା ୮ଟି ବିମାନପଟ୍ଟୀକୁ ୨ବି ବର୍ଗର ବିମାନବନ୍ଦର ଏବଂ ମୟୂରଭଞ୍ଜସ୍ଥିତ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍ (ରାସଗୋବିନ୍ଦପୁର ଏୟାରଷ୍ଟ୍ରିପ୍)କୁ ୩-ସି ବର୍ଗର ବିମାନବନ୍ଦରରେ ପରିଣତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି।

# ବୟନିକାର ବିଶେଷ ରିହାତି ବ୍ୟବସ୍ଥାର ଶୁଭାରମ୍ଭ

**ବୁଣାକାରଙ୍କ ଆର୍ଥିକ ସମୃଦ୍ଧି, ହସ୍ତତନ୍ତ ସାମଗ୍ରୀର ପ୍ରୋତ୍ସାହନ ପାଇଁ ପଦକ୍ଷେପ : ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ**

**ଭୁବନେଶ୍ୱର, ୨୭।୩ (ସୌମ୍ୟରଞ୍ଜନ ରାଉତ)**

ଓଡ଼ିଶା ଦିବସ ଉପଲକ୍ଷେ ବିଶେଷ ସରକାରୀ ରିହାତି ଦରରେ ବୟନିକାର ବିକ୍ରୟ ଗୁରୁବାରଠାରୁ ଆରମ୍ଭ ହୋଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି, ବୟନିକା ହସ୍ତତନ୍ତ ସାମଗ୍ରୀର ପ୍ରଚାର ପ୍ରସାର ଓ ବୁଣାକାରଙ୍କ ଆର୍ଥିକ ସମୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ଏଥିସହ ହସ୍ତତନ୍ତ କ୍ଷେତ୍ରର ନିରନ୍ତର ଅଭିବୃଦ୍ଧି ଏବଂ ଅନ୍ତର୍ଜାତୀୟ ସ୍ୱୀକୃତି ସୁନିଶ୍ଚିତ କରିବା ସହିତ ଏହାର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ ଅଛନ୍ତି। ଓଡ଼ିଶା ଦିବସ ପାଳନ ଅବସରରେ ଏହା ପର୍ଯ୍ୟଟକ ତଥା ଗ୍ରାହକମାନଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତର ଐତିହ୍ୟ ସମ୍ପର୍କରେ ମଧ୍ୟ ପରିଚିତ କରାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ହସ୍ତତନ୍ତ ଉତ୍ପାଦ ଉପରେ ୨୦% + ୧୦% + ୫% ବିଶେଷ ରିହାତିର ସୁବିଧା ମିଳିବ। ବୟନିକାର ସମସ୍ତ ବିକ୍ରୟ ଶାଖା, ପ୍ରଦର୍ଶନୀ ପଡିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳା ଓ ଜନତା ମଇଦାନରେ ଚାଲିଥିବା ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାରେ ଖୋଲିଥିବା ବୟନିକା ଷ୍ଟଲ୍‌ରେ ଏହି ରିହାତି ସୁବିଧା ଉପଲବ୍ଧ ହେବ। ବୟନ ଭବନସ୍ଥିତ ବୟନିକା ଅନନ୍ୟ ଶାଖାରେ ରାତି ୧୧ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବିକ୍ରୟ ଉପରେ ଅତିରିକ୍ତ ୫% ରିହାତି (୨୦% + ୧୦% + ୫%+ ୫%) ସୁବିଧା ମିଳିବ। ବୟନିକା ଅନନ୍ୟ ଶାଖା ରାତ୍ରି ବଜାର ସମୟରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରଦର୍ଶନ, ଲାଇଭ୍ ଲୁମ୍ ପ୍ରଦର୍ଶନ ଏବଂ ଖାଦ୍ୟ କାଉଣ୍ଟର ବ୍ୟବସ୍ଥା ରହିବ। ବିଳମ୍ବିତ ରାତିରେ ପରିଦର୍ଶକଙ୍କ ପାଇଁ ଏକ ଜୀବନ୍ତ ତଥା ଆକର୍ଷଣୀୟ ପରିବେଶ ସୃଷ୍ଟି ସହ ସପିଂ ଅନୁଭବକୁ ବୃଦ୍ଧି କରିବା ଲକ୍ଷ୍ୟରେ ବୟନିକା ପକ୍ଷରୁ ଏହା ଆୟୋଜନ କରାଯାଇଛି। ଏହା ସୁବିଧା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ବୟନିକା ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନିକାର ସାଧାରଣ ପ୍ରବନ୍ଧକ ତଥା ସମ୍ପାଦକ ସୁଷମା ବାରିକ, ବୟନିକାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ବିଭିନ୍ନ ଷ୍ଟଲ ବୁଲି ଦେଖୁଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରଜ୍ଞାନ


@ ଅଭିଜିତ୍


@ ଜଗନ୍ନାଥ


@ ରିହାନ


@ ରଶ୍ମିରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କରଡ଼ଗାଡ଼ିଆରେ ବାରଦୋଳ ମେଳଣ

**ବେଗୁନିଆ, ୨୭।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ କରଡଗାଡ଼ିଆରେ ବାରଦୋଳ ମେଳଣ ଆରମ୍ଭ ହୋଇଛି। ଅତ୍ରିସ୍ଥିତ ବାବା ହଟକେଶ୍ୱର ଦେବ ପ୍ରଥମେ ବାରଦୋଳ ମେଳଣ ପଡିଆରେ ଅବସ୍ଥାନ କରିବା ପରେ ପୋଡ଼ାପାଟଣା, କୁଞ୍ଜୁରି, ଗୋଡ଼ି, କୋକସିଂହ, ଗୁଡୁମ, ବୋତଳମା ଓ ମଶାଣିଆ ଆଦି ଗ୍ରାମରୁ ୧୮ଟି ଦୋଳ ବିରାଜମାନ କରିଥାନ୍ତି। ବରିଷ୍ଠ ନାଗରିକ ରାଜ କିଶୋର ପ୍ରଧାନ ଏବଂ କୁମର ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ହେଉଥିବା ବେଳେ ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ଏହି ମେଳଣ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ମେଳଣ ପଡ଼ିଆରେ ବିରାଜମାନ ଦୋଳବିମାନ।

# 'ପ୍ରତିଭାଙ୍କୁ ପ୍ରୋତ୍ସାହିତକରେ ପୁରସ୍କାର'

**ବୋଲଗଡ଼, ୨୭।୩(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ପଞ୍ଚାୟତସ୍ଥିତ ରାସୋଳ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ମା'କୁଣ୍ଡାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝରଣା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଯୋଗଦେଇ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରେ ପୁରସ୍କାର ବୋଲି କହିଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ଦିଲୀପ ମହାପାତ୍ର, ରାସୋଳ ଗ୍ରାମ୍ୟ କମିଟି ସଭାପତି ପ୍ରଦୀପ ପାଲଟାସିଂହ, ସିଆର୍‌ସିସି ପ୍ରଫୁଲ୍ଲ କୁମାର ଦାସ, ଗ୍ରାମ ସମ୍ପାଦକ ଗଙ୍ଗାଧର ଦଳେଇ, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ରାମଚନ୍ଦ୍ର ମହଲା, ସାମାଜିକ କର୍ମୀ ବିଶ୍ୱନାଥ ବଳିୟାରସିଂହ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଷିକେଶ ପରିଡ଼ା, ୱାର୍ଡସଭ୍ୟ ବାଳକୃଷ୍ଣ ସାହୁ ଯୋଗଦେଇ ବିଦ୍ୟାର୍ଥୀମାନେ ଶିକ୍ଷା ସହିତ ଶାରୀରିକ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମା'କୁଣ୍ଡାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ କୁମାର ଚୌଧୁରୀ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ଗଙ୍ଗାଧର ବେହେରା ଓ ଶିକ୍ଷୟିତ୍ରୀ ସୁଷମା ଦେଇଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିବା ବେଳେ ଛାତ୍ରୀଛାତ୍ରମାନେ ରାମ ନାଟକ ପରିବେଷଣ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

# ବଦଳିଛି ରୂପରେଖ, ସୁଧୁରିନି ସମସ୍ୟା

ନିମାପଡ଼ା,୨୭।୩(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲାର ନିମାପଡ଼ା ଥାନା ବହୁ ପ୍ରାଚୀନ। ନିମାପଡ଼ା ବ୍ଲକର ୧୮ଟି ଗ୍ରାମ ପଞ୍ଚାୟତ ଓ ଏନ୍ଏସିର ୧୧ଟି ୱାର୍ଡ, ପ୍ରାୟ ୨ ଲକ୍ଷ ଜନସଂଖ୍ୟାକୁ ନେଇ ଏହି ଥାନା କାର୍ଯ୍ୟ କରୁଛି। ଏହି ପୁରାତନ ଥାନାର ନୂତନ ଥାନା ବିଲ୍ଡିଂ ଗୃହ ନିର୍ମିତ ହୋଇ ୨୦୨୩ ମାର୍ଚ୍ଚ ୯ରେ ଉଦ୍‌ଘାଟନ ହେବା ପରେ ଥାନାର ରୂପରେଖ ବଦଳିଛି। ହେଲେ ଥାନାର ବିଭିନ୍ନ ସମସ୍ୟା ଏଯାବତ୍ ସୁଧୁରି ପାରିନି। ଥାନାରେ କର୍ମଚାରୀଙ୍କ ଅଭାବ ଏବେ ମୁଖ୍ୟ ପ୍ରସଙ୍ଗ ହୋଇପଡ଼ିଥିବାବେଳେ ବହୁ ପୋଲିସ ଅଫିସ ଓ କନ୍‌ଷ୍ଟେବଲ୍ ପଦବୀ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବା ଏକ ସର୍ଭେକ୍ଷଣରୁ ଜଣାପଡ଼ିଛି। କର୍ମଚାରୀଙ୍କ ଅଭାବ ଯୋଗୁ ଥାନା କାର୍ଯ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହେଉଛି। ଜନସଂଖ୍ୟା, ଆୟତନ ଦୃଷ୍ଟିକୋଣରୁ ୪ ଏସ୍ଆଇଙ୍କ ସ୍ଥାନରେ ମାତ୍ର ୨ ଜଣ ଏସ୍ଆଇ ରହିଥିବାବେଳେ ବାକି ୨ ପଦବୀ ଖାଲି ପଡ଼ିଛି। ୬ ଜଣ ଏଏସ୍ଆଇଙ୍କ ସ୍ଥାନରେ ୪ ଜଣ ଏଏସ୍ଆଇ ରହିଛନ୍ତି ବାକି ୨ଟି ଏଏସ୍ଆଇ ପଦବୀ ଖାଲି ପଡ଼ିଛି।




୧୨ ଜଣ କନେଷ୍ଟବଲଙ୍କ ସ୍ଥାନରେ ମାତ୍ର ୯ ଜଣ ଥିବାବେଳେ ବାକି ୩ ପଦବୀ ଖାଲି ପଡ଼ିଛି। ୩ ଜଣ ସିସିଟିଏନ୍ଏସ୍‌ଙ୍କ ସ୍ଥାନରେ ମାତ୍ର ଜଣେ କର୍ମଚାରୀ ରହିଥିବାବେଳେ ବାକି ୨ ପଦବୀ ଖାଲି ପଡ଼ିଛି। କର୍ମଚାରୀଙ୍କ ଅଭାବ ଯୋଗୁ ଥାନା କାର୍ଯ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହେଉଥିବାବେଳେ ରାତ୍ରି ପାଟ୍ରୋଲିଂ, ଫେରାର ଆସାମୀଙ୍କୁ ଗିରଫ କରାଯିବା, ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ କରାଯିବା, ଚୋରା ମାଦକ ଦ୍ରବ୍ୟ କାରବାରକୁ ଦୃଢ଼ ଭାବେ ପ୍ରତିହତ କରାଯିବା, ଅପରାଧ ନିୟନ୍ତ୍ରଣ ଆଦି କାର୍ଯ୍ୟ କରାଯିବାରେ ଘୋର ଅନ୍ତରାୟ ସୃଷ୍ଟି ହେଉଛି। ପୁରୁଣା ଥାନା ପରିସରରେ ଥିବା ସମସ୍ତ ସରକାରୀ ଷ୍ଟାଫ କ୍ୱାର୍ଟର ଭାଙ୍ଗିରୁଜି ଯାଇଥିବାବେଳେ ନୂତନ ଥାନାରେ ପୋଲିସ ଅଫିସରଙ୍କ ରହିବାକୁ ସରକାରୀ କ୍ୱାର୍ଟରର ବ୍ୟବସ୍ଥା ନ ଥିବାରୁ ବାଧ ହୋଇ ପୋଲିସ ଅଧିକାରୀମାନେ ଅଧିକ ଘରଭଡ଼ା ଦେଇ ବାହାରେ ରହୁଥିବା ଦେଖାଯାଉଛି। ଅନ୍ୟପକ୍ଷେ ଥାନା ଚତୁଃପାର୍ଶ୍ୱରେ ପ୍ରାଚୀର ବ୍ୟବସ୍ଥା ନ ଥିବାରୁ ଥାନା ପରିସର ଗୋରୁ, ଷଣ୍ଢଙ୍କ ଆଶ୍ରୟସ୍ଥଳ ପାଲଟିଛି। ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ବାଧ ହୋଇ ଚାପରେ ବିଭିନ୍ନ

## ନିମାପଡ଼ା ଥାନାରେ ଅନେକ ପଦବୀ ଖାଲି

କାର୍ଯ୍ୟ ତୁଲାଉଛନ୍ତି। ଥାନାରେ ଆବଶ୍ୟକ ସଂଖ୍ୟକ ପୋଲିସ ଅଧିକାରୀ ନ ରହିବା ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ବୋଲି କୁହାଯାଉଛି। ତୁରନ୍ତ ଥାନାରେ ଖାଲି ପଡ଼ିଥିବା ପୋଲିସ ଅଫିସର ଓ କର୍ମଚାରୀଙ୍କ ପଦବୀ ପୂରଣ କରାଯିବା ଦିଗରେ ମୁଖ୍ୟତଃ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୋଲିସ ଡିଜିଡିଆଇଡି ରାଜ୍ୟ ଘରୋଇ ମନ୍ତ୍ରୀ ପ୍ରମୁଖ ଦୃଷ୍ଟି ଦେଇ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ବହୁ ବୁଦ୍ଧିଜୀବୀ, ବରିଷ୍ଠ ରାଜନେତା ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ୩୦/୪୦ ବର୍ଷ ପୂର୍ବେ ନିମାପଡ଼ା ଥାନା ଅଞ୍ଚଳରେ ଜନସଂଖ୍ୟା ଅନୁପାତରେ ଯେତିକି ପୋଲିସ ଅଧିକାରୀ, କର୍ମଚାରୀ ରହିଥିଲେ, ଏବେ ଜନସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହୋଇଥିବାବେଳେ ପ୍ରାୟ ସେତିକି ପୋଲିସ କର୍ମଚାରୀ ରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି।




ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିବଂଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ସଂକ୍ଷେପରେ

### ବିସ୍ଥାପିତ ୫୮ ପରିବାରଙ୍କୁ ପଟ୍ଟା ବଣ୍ଟନ -ଜଗନ୍ନାଥବଲ୍ଲଭ ପିଲିଗ୍ରିମ୍ ସେଣ୍ଟର ପ୍ରକଳ୍ପ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗ ଦ୍ୱାରା ଜଗନ୍ନାଥବଲ୍ଲଭ ପିଲିଗ୍ରିମ୍ ସେଣ୍ଟର ପ୍ରକଳ୍ପ ଅବଡ଼ା ଯୋଜନାରେ କରାଯିବା ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ସ୍ୱୀକୃତି ମତେ ନିର୍ମାଣ କାର୍ଯ୍ୟ କରାଯାଉଛି। ଉକ୍ତ ପ୍ରକଳ୍ପ ନିମନ୍ତେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗଠାରୁ ପୁନର୍ବାସ ଓ ଥଇଥାନ ପ୍ୟାକେଜକୁ ଅନୁମୋଦନ କରାଯାଇଥିଲା। ଉକ୍ତ ପ୍ରକଳ୍ପ ପାଇଁ ଜଗନ୍ନାଥବଲ୍ଲଭ ମଧ୍ୟରେ ୬୧ ଭୂମିହୀନ ପରିବାରଙ୍କୁ ବିସ୍ଥାପିତ କରାଯାଇ ସେମାନଙ୍କ ଥଇଥାନ ପାଇଁ ଏ ୦.୦୧୨୩୫ ଡିସିମିଲ ଜମି ପ୍ରଦାନ କରାଯିବା ନିମନ୍ତେ ଧାର୍ଯ୍ୟ ହୋଇଥିଲା। ଗୁରୁବାର ଉକ୍ତ ଯୋଜନାରେ ମୋଟ ୫୮ ଟି ପରିବାରକୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜଗନ୍ନାଥବଲ୍ଲଭ ପ୍ରାଙ୍ଗଣରେ ୫୮ ହିତାଧିକାରୀଙ୍କୁ ଏହି ଜମିପଟ୍ଟା ପ୍ରଦାନ କରିଥିଲେ। ବିସ୍ଥାପିତମାନେ ୭ଦିନ ମଧ୍ୟରେ ଦଖଲରେ ଥିବା ସ୍ଥାନ ପରିତ୍ୟାଗ କରିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଉପଜିଲାପାଳ ରାଜକିଶୋର ଜେନା, ଓବିସିସି ଜେନେରାଲ ମ୍ୟାନେଜର ଗିରିଜା ଶଙ୍କର ନାୟକ, ଭୂ-ଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ପୁରୀ ତହସିଲଦାର ଅଭିଷେକ ଦାଶ ଏବଂ ରାଜସ୍ୱ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ଶାସ୍ତ୍ରୀ ପ୍ରଥମବର୍ଷ ଛାତ୍ରୀଙ୍କ ପାଇଁ ଗତ ୧୦ ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପକ ଡ. ରବିଶଙ୍କର ମିଶ୍ର ଯୋଗଦେଇ ଆତ୍ମରକ୍ଷା ତାଲିମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁଷ୍ପାଞ୍ଜଳି ମିଶ୍ର ପ୍ରଶିକ୍ଷଣ ଏବଂ ଅଧ୍ୟାପିକା ବିସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଡ. ସଂଘମିତ୍ରା ସ୍ୱାଇଁ ଓ ସଂଯୋଜିକା ବିସ୍ମିତା ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅଭିଜିତ୍ ପଣ୍ଡା, ଅଧ୍ୟାପିକା ସବିତାରାଣୀ ଦାସ, ଜ୍ୟୋତିସ୍ନିଗ୍ଧା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବେଆଇନ ବାଲିଘାଟ, କରତକଳ ବନ୍ଦ ଦାବି

ବଲଙ୍ଗା,୨୭।୩(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ଭାର୍ଗବୀ ନଦୀରୁ ବେଆଇନ ଭାବେ ରାତିରେ ବାଲି ଚୋରି ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗୁରୁବାର ସ୍ଥାନୀୟ ସରପଞ୍ଚ ରୀନା ମିଶ୍ରଙ୍କ ଅଧ୍ୟକ୍ଷତାରେ କେତେଜଣ ୱାର୍ଡ ସଭ୍ୟ, ସମିତି ସଭ୍ୟ ରଘୁନାଥ ସାହୁ ରୂପଦେଇପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକାଠି ହୋଇ ବେଆଇନ କାର୍ଯ୍ୟକୁ ବିରୋଧ କରିଛନ୍ତି। ବେଆଇନ ବାଲିଘାଟ କରତକଳ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

### କିଶୋରୀ ବାଳିକା ଶିକ୍ଷା ସଚେତନତା

ପିପିଲି,୨୭।୩(ଦୁର୍ଗାମାଧବ ମିଶ୍ର)

ଗୋବିନ୍ଦପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା କୁମାରୀ ନାୟକଙ୍କ ତତ୍ତ୍ୱାବଧାନରେ କିଶୋରୀ ବାଳିକା ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ବାଳିକା ଶିକ୍ଷା ଉପରେ ସଚେତନ କରାଯାଇଛି। ଖେଳ ଶିକ୍ଷକ ଗଣେଶ ଚନ୍ଦ୍ର ଦାସ ଯୋଗ ମାଧ୍ୟମରେ ଛାତ୍ରୀମାନେ କିପରି ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ ତାହା ବୁଝାଇଥିଲେ। ଏହି ଅବସରରେ ଚିତ୍ରାଙ୍କନ, ଚାର୍ଟ, ପୋଷ୍ଟର ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନେ ସୋସିଆଲ ମିଡିଆର ଖରାପ ବ୍ୟବହାରରେ ପ୍ରଭାବିତ ନ ହେବାକୁ ପରାମର୍ଶ ଦିଆଯାଇଥିଲା। ଛାତ୍ରୀମାନେ ଯୌତୁକ ସଚେତନତା ଉପରେ ଏକ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ମହେନ୍ଦ୍ର ଦାସ, ନିରଞ୍ଜନ ସ୍ୱାଇଁ, ଇତିଶ୍ରୀ ନାୟକ, ରଶ୍ମିରଞ୍ଜନ ନାୟକ, ଲକ୍ଷ୍ମୀପ୍ରିୟା ସିଂହସାମନ୍ତ, ପଦ୍ମାଳୟା ଦେବୀ, ସଂଗୀତା ମହାନ୍ତି ସହଯୋଗ କରିଥିଲେ।

# ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ନାଟ୍ୟଦିବସ ପାଳିତ




ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ଗୁରୁବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବିଶ୍ୱ ନାଟ୍ୟଦିବସ ପାଳନ କରାଯାଇଛି। ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର ମୁଖ୍ୟ ଅତିଥି, ଅଭିନେତା ପ୍ରସନ୍ନ କୁମାର ମିଶ୍ର, ଅଧିବକ୍ତା ପ୍ରଧାନ ଧୀରେନ ରାୟ, ସଙ୍ଗଠକ ଗୋବିନ୍ଦ ମହାନ୍ତି, ଚକ୍ରଧର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଭିନେତା ଭରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭିନେତା ଓ ନିର୍ଦ୍ଦେଶକ ଦିଲୀପ କୁମାର ଦାସ, ନାଟ୍ୟକାର ଲୋକନାଥ ରଥଙ୍କୁ ଆଜୀବନ କଳା ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତାର ବିଚାରକ ଥିବା ଆଦ୍ୟାଶା ମହାପାତ୍ର, ମଞ୍ଜୁଲତା ମିଶ୍ରଙ୍କୁ ସମ୍ମାନିତ କରାଯିବା ସହ ପୂର୍ବରୁ ଅନୁଷ୍ଠିତ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରାମକୃଷ୍ଣ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ 'ସାମ୍ପ୍ରତିକ ପରିସ୍ଥିତିରେ ଓଡ଼ିଆ ନାଟକର ସ୍ଥିତାବସ୍ଥା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆର୍ତ୍ତତ୍ରାଣ ଶତପଥୀ, ଡ. ନବୀନ କୁମାର ପରିଡ଼ା, ପଞ୍ଚାନନ ଦାସ, ପ୍ରଶାନ୍ତ ମହାପାତ୍ର, ଶ୍ରୀମନ୍ତ ମହାନ୍ତି ଓ ଦୟାନିଧି ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରେ ପ୍ରଦୀପ କୁମାର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'କିଏ' ପରିବେଷଣ କରାଯାଇଥିଲା।

## ଦିଲୀପ ଦାସ, ଲୋକନାଥ ରଥଙ୍କୁ ଆଜୀବନ କଳା ସାଧନା ସମ୍ମାନ

## ଅଟୋ ଓ ଟୋଟୋ ମିଳିତ ମହାମଞ୍ଚର ନିର୍ବାଚନ -ପ୍ରମୋଦ ଜେନା ସଭାପତି, ରାଜକିଶୋର ସାହୁ ସମ୍ପାଦକ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ନବକଳେବର ରୋଡ୍‌ସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ବୁଧବାର ପୁରୀ ସହରର ଅଟୋ ଓ ଟୋଟୋ ମିଳିତ ମହାମଞ୍ଚର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୫୩ଟି ସଂଘର ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ। ମହାମଞ୍ଚ ସଭାପତି ଭାବେ ପ୍ରମୋଦ କୁମାର ଜେନା, କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ରାଏଗୁରୁ, ଉପସଭାପତି ବାବୁଲା ପ୍ରଧାନ, ସମ୍ପାଦକ ରାଜକିଶୋର ସାହୁ, ଯୁଗ୍ମସମ୍ପାଦକ ଗଜପତି ସେନାପତି ଏବଂ କୋଷାଧ୍ୟକ୍ଷ ଭାବେ ରଘୁନାଥ ରାଉତ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ରବିନାରାୟଣ ଦାଶ, ସଞ୍ଜୀବ ମହାନ୍ତି ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବିପିନ୍ କୁମାର ସାହୁ, ଦାଶରଥି ସାହୁ, ମାନସ ପଟ୍ଟନାୟକ, ସୀମାଞ୍ଚଳ ଦାସ, କୃପାସିନ୍ଧୁ ପଣ୍ଡା, ଦେବପ୍ରସାଦ ଜେନା, ଶିବଶଙ୍କର ସ୍ୱାଇଁ, ଆଶୋକ କୁମାର ନାୟକ, ଅଜିତ୍ କୁମାର ମିଶ୍ର ଏବଂ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଛି।

## ନୟାହାଟ ଫାଣ୍ଡି ଅଞ୍ଚଳରେ କଡ଼ା ପାଟ୍ରୋଲିଂ ପାଇଁ ଡିଏସ୍‌ପିଙ୍କ ନିର୍ଦ୍ଦେଶ

ଯୋଗେଶ୍ୱରପୁର,୨୭।୩(ରଶ୍ମି ରଞ୍ଜନ ସାହୁ)

ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ନୟାହାଟ ଅଞ୍ଚଳରେ କଡ଼ାକଡ଼ି ପାଟ୍ରୋଲିଂ ପାଇଁ ଫାଣ୍ଡି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୟାହାଟ ଫାଣ୍ଡି ଅଞ୍ଚଳରେ ପାଟ୍ରୋଲିଂ ପାଇଁ ଏକ ପୁରୁଣା ବାଇକ ଏକମାତ୍ର ଭରସା। ତେଣୁ ସରକାର ଫାଣ୍ଡି ପାଇଁ ଏକ ପୋଲିସ ଭ୍ୟାନ ଯୋଗାଇଦେବାର ଆବଶ୍ୟକତା ରହିଛି ବୋଲି ବରିଷ୍ଠ ଭାଜପା କର୍ମୀ କେଦାର ସାହୁ, ଅନନ୍ତ ସାହୁ ପ୍ରମୁଖ ଗୁରୁବାର ସନ୍ଧ୍ୟାରେ ନିମାପଡ଼ାରେ ଡିଏସ୍‌ପି ପାଢ଼ୀଙ୍କୁ ଭେଟି ଅବଗତ କରାଇଛନ୍ତି। ଡିଏସ୍‌ପି ଏ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଜାତୀୟ କବାଡ଼ି ଚାମ୍ପିୟନଶିପ୍‌ରେ ଡେଲାଙ୍ଗ ଝିଅ ରୂପାଲି

ଡେଲାଙ୍ଗ,୨୭।୩ (ରଶ୍ମିରଞ୍ଜନ ପ୍ରଧାନ)



ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠର ଛାତ୍ରୀ ରୂପାଲି ପ୍ରଧାନ ୩୪ତମ ଜାତୀୟ କବାଡ଼ି ଚାମ୍ପିଅନଶିପକୁ ମନୋନୀତ ହୋଇଛନ୍ତି। ବିହାର ରାଜ୍ୟର ଗୟା ସହରସ୍ଥିତ ଗାୟତ୍ରୀ ଦେବୀ ଗୋଇଙ୍କା ପବ୍ଲିକ ସ୍କୁଲଠାରେ ଆୟୋଜିତ ଜାତୀୟ କବାଡ଼ି ପ୍ରତିଯୋଗିତା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ରୂପାଲି ଏଥିରେ ଓଡ଼ିଶା ଉପକନିଷ୍ଠ ବାଳିକା ବିଭାଗରେ ସ୍ଥାନ ପାଇଥିବା ନେଇ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ ନଟବର ସେଠୀ ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ରୂପାଲି ବୁଧବାର ଯାତ୍ରା ଆରମ୍ଭ କରିଛନ୍ତି। ରୂପାଲିଙ୍କ ଏହି କୃତିତ୍ୱ ନିମନ୍ତେ ପୁରୀ ଜିଲା ଆଥ୍‌ଲେଟିକ ସଂଘ ସମ୍ପାଦକ ରବିନାରାୟଣ ପ୍ରତିହାରୀ, ବୈଷୟିକ ଅଧିକାରୀ ଭଗବାନ ପ୍ରସାଦ ଦାଶ, ଜୟନ୍ତ ରାୟ, ପୁରୁଷୋତ୍ତମ ମୁଦୁଲି, ସୁବାସ ବେହେରା, ବଂଶୀଧର ମହାପାତ୍ର, ଗିରିଜା ପ୍ରସାଦ ଗଡ଼ନାୟକ, ଲକ୍ଷ୍ମୀ ନାରାୟଣ ଜେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ଭୋଇ, କୋଚ୍ ସମ୍ମିତ ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ପ୍ରଧାନ, ପ୍ରଭାତ କ୍ଲବ ସମ୍ପାଦକ ପଦ୍ମନାଭ ବରାଳ, ପ୍ରଭାତ ଜେନା ପ୍ରମୁଖଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଡେଲାଙ୍ଗର କ୍ରୀଡ଼ାବିତ୍ ତାଙ୍କୁ ଶୁଭେଚ୍ଛା ଜଣାଇ କୃତିତ୍ୱ କାମନା କରିଛନ୍ତି।

# ଦାରିଦ୍ର୍ୟ ହାର: ପୁରୀରେ ସର୍ବନିମ୍ନ

ଭୁବନେଶ୍ୱର,୨୭।୩(ସୁଚିସ୍ମିତା ସାହୁ)

ରାଜ୍ୟରେ ମାଲକାନଗିରି ଜିଲାରେ ଦାରିଦ୍ର୍ୟ ହାର ସର୍ବାଧିକ ରହିଛି। ଭାଜପା ସଦସ୍ୟ ସନାତନ ମହାକୁଡଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ରଖିଥିବା ତଥ୍ୟ ଅନୁଯାୟୀ, ମାଲକାନଗିରିରେ ସର୍ବାଧିକ ଦାରିଦ୍ର୍ୟ ହାର ୪୫.୦୧ ପ୍ରତିଶତ ରହିଥିବାବେଳେ ରାୟଗଡାରେ ୩୪.୦୩, ନବରଙ୍ଗପୁରରେ ୩୩.୪୫ ଓ କୋରାପୁଟରେ ୩୩.୫୪ ପ୍ରତିଶତ ରହିଛି। ତେବେ ପୁରୀରେ ସର୍ବନିମ୍ନ ଦାରିଦ୍ର୍ୟ ହାର ୩.୨୯ ଓ ଖୋର୍ଦ୍ଧା ଜିଲାରେ ୩.୯୫ ପ୍ରତିଶତ ରହିଥିବା ମୁଖ୍ୟମନ୍ତ୍ରୀଙ୍କ ତଥ୍ୟରୁ ଜଣାଯାଇଛି।

ସେହିପରି ମୟୂରଭଞ୍ଜରେ ଦାରିଦ୍ର୍ୟ ହାର ୩୦.୫୭ ପ୍ରତିଶତ ଥିବାବେଳେ ଗଜପତି ୨୮.୧୪, କେନ୍ଦୁଝର ୨୬.୭୬, କନ୍ଧମାଳ ୨୫.୩୦, କଳାହାଣ୍ଡି ୧୯.୪୭, ନୂଆପଡା ୨୦.୧୯, ଭଦ୍ରକ ୧୬.୬୦, ଦେବଗଡ ୧୬.୫୬, ବୌଦ୍ଧ ୧୬.୨୭, ଢେଙ୍କାନାଳ ୧୫.୯୮, ଯାଜପୁର ୧୪.୧୦, ସୁନ୍ଦରଗଡ ୧୪.୭୭, ଅନୁଗୋଳ ୧୩.୮୭, ବାଲେଶ୍ୱର ୧୪.୨୧, ବରଗଡ ୧୧.୫ ଓ ସମ୍ବଲପୁରରେ ୧୦.୦୫ ପ୍ରତିଶତ ରହିଛି। ବଲାଙ୍ଗୀର, ଗଞ୍ଜାମ, ଜଗତ୍‌ସିଂହପୁର, ଝାରସୁଗୁଡା, କେନ୍ଦ୍ରାପଡା, ନୟାଗଡ ଓ ସୁବର୍ଣ୍ଣପୁରରେ ଏହା ୧୦ ପ୍ରତିଶତରୁ କମ୍ ରହିଥିବା ତଥ୍ୟରୁ ଜଣାପଡ଼ିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଦାରିଦ୍ର୍ୟ ଦୂରୀକରଣ ପାଇଁ ମଧୁବାବୁ ପେନ୍‌ସନ ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ବୟସ୍କ ତଥା ବୃଦ୍ଧ ବ୍ୟକ୍ତିଙ୍କୁ ମାସିକ ଭତ୍ତା ପ୍ରଦାନ କରାଯାଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ରାଜ୍ୟର ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଖାଦ୍ୟ ନିରାପତ୍ତା ଯୋଗାଇ ଦିଆଯାଉଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଅଧିନିୟମରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ବର୍ଷକୁ ଅତି କମ୍‌ରେ ଶହେଦିନର ନିଶ୍ଚିତ କର୍ମ ନିଯୁକ୍ତି ଦିଆଯାଇପାରୁଛି। ୩୦ଟି ପ୍ରଭାବିତ ବ୍ଲକରେ ଦାଦନ ଶ୍ରମିକଙ୍କୁ ରୋକିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଅତିରିକ୍ତ ୨ ଶହ ଦିନର ଶ୍ରମ ଦିବସ ଯୋଗାଇ ଦିଆଯାଉଛି। ଅନୁସୂଚିତ ଜାତି ମଧ୍ୟରେ ଦାରିଦ୍ର୍ୟ ହ୍ରାସ କରିବାପାଇଁ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା କାର୍ଯ୍ୟକାରୀ ହେଉଛି। ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ରାଜ୍ୟର ନିଜସ୍ୱ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୋଜନରେ ଯୋଗ୍ୟ ପରିବାରଙ୍କୁ ନଗଦ ବିହୀନ ସ୍ୱାସ୍ଥ୍ୟସେବା ପ୍ରଦାନର ବ୍ୟବସ୍ଥା କରାଯାଉଛି। ଦକ୍ଷତା ବିକାଶ ଓ ଆୟ ସୃଷ୍ଟିକାରୀ ଯୋଜନା ମାଧ୍ୟମରେ ଉନ୍ନତ ଜୀବିକା ଅର୍ଜନ ପାଇଁ ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାର ଚେଷ୍ଟିତ ଅଛନ୍ତି। ୧୮ ରୁ ୩୫ ବର୍ଷ ବୟସର ଗ୍ରାମୀଣ ଯୁବକଙ୍କ ପାଇଁ ଦକ୍ଷତା ଓ ନିଯୁକ୍ତିର ସୁଯୋଗ ଲାଗି ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟରେ ଦାରିଦ୍ର୍ୟ ଦୂର କରି ଅଧିକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରୁଛନ୍ତି। ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନା ପ୍ରଚଳନ କରିଛନ୍ତି। ଏହାବାଦ୍ କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଚାକିରି କରାଇ ଦେବାକୁ କହି ୧୦ ଲକ୍ଷ ଠକେଇ

ନିମାପଡ଼ା,୨୭।୩(ବିଚିତ୍ରାନନ୍ଦ ସାହୁ)

ଗୋପ ଥାନା ଅଧୀନ ଲୁଣାହାର ଗ୍ରାମର ଭାସ୍କର ପ୍ରଧାନ ନିମାପଡ଼ା ପୋଲିସ ଉପଖଣ୍ଡ ଅନ୍ତର୍ଗତ ଚାରିଛକ ଥାନା ଅଧୀନ ବ୍ରହ୍ମକୁଣ୍ଡି ଗ୍ରାମର ଦିନେଶ କୁମାର ତ୍ରିପାଠୀଙ୍କ ପ୍ରଲୋଭନରେ ଆସି ଠକାମିର ଶିକାର ହୋଇଛନ୍ତି। ଭାସ୍କରଙ୍କ ପୁଅ ବିଶ୍ୱଭୂଷଣ ପ୍ରଧାନଙ୍କୁ କୋଲକାତା ସିବିଆଇ ଅଫିସରେ କିମ୍ବା କୋଲକାତା ରେଲ୍‌ୱେ ଅଫିସରେ ଚାକିରି କରାଇ ଦେବାକୁ କହି ଦିନେଶ ଜାଲ ନିଯୁକ୍ତି ପତ୍ର ଦେଇ ଚଞ୍ଚକତା କରି ତାଙ୍କଠାରୁ ୧୦ ଲକ୍ଷ ୪୭ ହଜାର ଟଙ୍କା ଠକି ନେଇଛନ୍ତି। ଏ ସମ୍ପର୍କରେ ଭାସ୍କର ନିମାପଡ଼ା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୮୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଦିନେଶ ଭାସ୍କରଙ୍କ ସହ ସୁସମ୍ପର୍କ ରଖି ତାଙ୍କ ପୁଅଙ୍କୁ ଚାକିରି କରେଇଦେବା ଲୋଭ ଦେଖାଇ ପ୍ରଥମେ ଫୋନ ଜରିଆରେ ୨ ଲକ୍ଷ ୪୭ ହଜାର ଓ ପରେ ସିଧାସଳଖ ୮ ଲକ୍ଷ ଏପରି ମୋଟ ୧୦ ଲକ୍ଷ ୪୭ ହଜାର ଟଙ୍କା ଠକି ନେଇଥିବା ସେ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଦିନେଶ ନିମାପଡ଼ାରେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଘରଭଡ଼ା ନେଇ ରହୁଥିବାବେଳେ ଏକ ଅଫିସ କରିଥିଲେ। ନିଜ ସ୍ତ୍ରୀଙ୍କୁ ଜଣେ ବିଶିଷ୍ଟ ସାମାଜିକ କର୍ମୀ ଭାବେ ପରିଚୟ ଦେଇଥିଲେ। ସାଧାରଣ ନିର୍ବାଚନରେ ତାଙ୍କୁ ବିଧାୟକ ପ୍ରାର୍ଥୀ କରିବା ଆଶାରେ ଦାମୀ, ସୌଖୀନ ଗାଡ଼ି ବ୍ୟବହାର କରି ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମପଞ୍ଚାୟତକୁ ଉଭୟ ସ୍ୱାମୀ-ସ୍ତ୍ରୀ ଯାଇ ବିଭିନ୍ନ ଅଞ୍ଚଳରେ ସଭା ସମିତି କରି ସାଧାରଣ ଲୋକଙ୍କୁ ପ୍ରଲୋଭନ ଦେଖାଉଥିଲେ। ଏଥିସହ ମିଥ୍ୟ ପ୍ରତିଶ୍ରୁତି ଦେଇ ନିଜ ସପକ୍ଷରେ ଆକୃଷ୍ଟ କରିବାରେ ଲାଗିଥିଲେ।

# ସଦାଶିବ କ୍ୟାମ୍ପସରେ ଛାତ୍ରାବାସ ଦିବସ ମହୋତ୍ସବ

ପୁରୀ,୨୭।୩(ଅଜିତ୍ କୁମାର ମହାନ୍ତି)

ଅଧ୍ୟାୟୀମାନଙ୍କ ମେଧା ଓ ପୋଷକ ବୃଦ୍ଧି ସହ ଶାରୀରିକ ବିକାଶ ନିମନ୍ତେ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ପୁରୀ ସଦାଶିବ କ୍ୟାମ୍ପସସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଛାତ୍ରାବାସ ଦିବସ ମହୋତ୍ସବ ଆୟୋଜିତ ହୋଇଛି। କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମହୋତ୍ସବକୁ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଉଦ୍‌ଘାଟନକରି କହିଥିଲେ, ଛାତ୍ରୀଛାତ୍ର ଶୃଙ୍ଖଳାବଦ୍ଧ ରହି ସାଂସ୍କୃତିକ ଏବଂ ଶୈକ୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଉଚିତ ଏବଂ ଜିତିବା କିମ୍ବା ପରାଜୟର ଭାବନା ରଖିବା ଉଚିତ ନୁହେଁ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋକଭାଷା ପ୍ରଚାର ସମିତି ସଭାପତି ସଦାନନ୍ଦ ଦୀକ୍ଷିତ ଯୋଗଦେଇଥିଲେ। ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ହେବ। ପ୍ରଫେସର ମଖଲେଶ କୁମାର କାର୍ଯ୍ୟକ୍ରମ ସଂଯୋଜକ ଏବଂ ଡ. ସ୍ୱାଗତିକା ମହାନ୍ତି ସହସଂଯୋଜିକା ରହିଛନ୍ତି। ବାଲ୍ମୀକି ଛାତ୍ରାବାସର ସହ ତତ୍ତ୍ୱାବଧାରକ ଡ. ଅଜୟାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି।



ଛାତ୍ରାବାସ ଦିବସ ମହୋତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

# ବିନା ୟୁନିଫର୍ମ, ପରିଚୟପତ୍ରରେ କାମ କରୁଛନ୍ତି କର୍ମଚାରୀ

ସାକ୍ଷୀଗୋପାଳ,୨୭।୩(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ବୁଧବାର ବିଳମ୍ବିତ ରାତିରେ ସାକ୍ଷୀଗୋପାଳ ଡାକ୍ତରଖାନା ପରିଦର୍ଶନ ଆସି ସ୍ୱାସ୍ଥ୍ୟସେବା ଯାଞ୍ଚ କରିଥିଲେ। ଅପରିଷ୍କାର ଓ ଅପରିଚ୍ଛନ୍ନ ଦେଖି ନିଜେ ଡାକ୍ତରଖାନା ପରିସର ସଫା କରିଥିବା ଦେଖିବାକୁ ମିଳିଥିଲା। ଚିକିତ୍ସାଧୀନ ରୋଗୀ ଓ ସେମାନଙ୍କ ସହାୟକଙ୍କୁ ମିଳୁଥିବା ଚିକିତ୍ସା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କର୍ମଚାରୀଙ୍କ ଉପସ୍ଥାନ ଯାଞ୍ଚ କରିବା ସହ ଡ୍ୟୁଟି ତାଲିକାରେ ନାମ ଥିବା କେତେଜଣ କର୍ମଚାରୀଙ୍କୁ ଛାଡ଼ିଦେଲେ ଅନ୍ୟମାନେ ଅନୁପସ୍ଥିତ ଥିଲେ। ଉପସ୍ଥାନ ଖାତାରେ ଥିବା କର୍ମଚାରୀ ୟୁନିଫର୍ମ ପରିଧାନ କରି ନ ଥିବା ସହ ପରିଚୟ ପତ୍ର ପକାଇ ନ ଥିଲେ।



ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସାକ୍ଷୀଗୋପାଳ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି ।

ଆଉଟ୍‌ସୋର୍ସିଂ ଓ ଠିକା କର୍ମଚାରୀମାନେ ଡ୍ୟୁଟିରେ ଉପସ୍ଥିତ ଥିଲେ। ସେହିପରି ନିରାପତ୍ତାରକ୍ଷୀ ମଧ୍ୟ ବିନା ୟୁନିଫର୍ମରେ ଡ୍ୟୁଟି କରୁଥିଲେ। ବିଧାୟକ ମିଶ୍ର ଅନୁପସ୍ଥିତ କର୍ମଚାରୀଙ୍କ ଛୁଟି ଦରଖାସ୍ତ ଓ ଅଥରାଇଜେଶନ ଲେଟର ସମ୍ପର୍କରେ ଉପସ୍ଥିତ ଡାକ୍ତରଙ୍କୁ ମାଗିଥିଲେ ମଧ୍ୟ କିଛି ମିଳି ନ ଥିଲା। ଏଭଳି ଅବ୍ୟବସ୍ଥା ଦେଖି ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ କହିଛନ୍ତି। ବିଧାୟକଙ୍କ ସହିତ ଉମେଶ ଚନ୍ଦ୍ର ପ୍ରଧାନ, ପ୍ରତାପ ବେହେରା, ରାମ ନାରାୟଣ ସାହୁ, ସଞ୍ଜୀବ ଦାସ, ଅମର ପ୍ରସାଦ ଶତପଥୀ ଓ ପ୍ରଭାତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାତିଅଧିଆ ଡାକ୍ତରଖାନା ପରିଦର୍ଶନ କଲେ ବିଧାୟକ: ଅବ୍ୟବସ୍ଥା ନେଇ ଅସନ୍ତୋଷ

**ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସସ୍ଥିତ ହଂସନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଦାସ ଓ ସରପଞ୍ଚ ଅଶୋକ ପାତ୍ରଙ୍କ ସଂଯୋଜନାରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ଖେଳନା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚୈତନ୍ୟ ରାଉତ, ରବିନାରାୟଣ ଦାଶ, ସୁଚିତ୍ରା ପଣ୍ଡା, ପବିତ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। 'ବେଟି ବଚାଓ, ବେଟି ପଢ଼ାଓ' ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ବାସୁଦେବ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପିଜି ଡାକ୍ତରଙ୍କ ସଂଘବଦ୍ଧ ଆକ୍ରମଣ

କଟକ,୨୭।୩(ଶିଲ୍ପା ପ୍ରିୟଦର୍ଶିନୀ)




■ ଏସ୍‌ସିବିରେ ଚିକିତ୍ସା ଅବହେଳା ଅଭିଯୋଗ
■ ମହିଳା ରୋଗୀଙ୍କ ଭଉଣୀଙ୍କୁ ଦୁର୍ବ୍ୟବହାର

ଏସ୍‌ସିବି ମେଡିକାଲରେ ଗୁରୁବାର କେତେଜଣ ପିଜି ଡାକ୍ତର ଏକ ୱେବ୍ ଚ୍ୟାନେଲର ଖବରଦାତା ରଞ୍ଜିତ ମହାପାତ୍ରଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଫଳରେ ସେ ଆହତ ହୋଇଛନ୍ତି। ଏପରି କି ତାଙ୍କ ଶାଳୀକୁ ମଧ୍ୟ ଡାକ୍ତରମାନେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ରଞ୍ଜିତ ପତ୍ନୀ ଜୟଶ୍ରୀ ନାୟକଙ୍କୁ ଚିକିତ୍ସା ନିମନ୍ତେ ସୋମବାର ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଭର୍ତ୍ତି କରିଥିଲେ। ଜୟଶ୍ରୀଙ୍କ ଗର୍ଭପାତ ନିମନ୍ତେ ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ ଡାକ୍ତର ଠିକ୍ ଭାବେ ଚିକିତ୍ସା ନ କରିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ଏ ସମ୍ପର୍କରେ ଜାଣିବା ପରେ ସମ୍ପର୍କୀୟମାନେ ତାଙ୍କ ନିକଟକୁ ଯିବାକୁ ଚାହିଁବାରୁ ଡାକ୍ତରମାନେ ଛାଡି ନ ଥିଲେ। ଫଳରେ ସମସ୍ୟା ହେବାରୁ ଜୟଶ୍ରୀଙ୍କୁ ରଞ୍ଜିତ୍ ଅନ୍ୟ ମେଡିକାଲକୁ ନେବା ପାଇଁ ଚାହିଁଥିଲେ। ଏଥିନିମନ୍ତେ ମେଡିକାଲର କୁଳସଚିବଙ୍କ ନିକଟରୁ ଅନୁମତି ଆଣିବା ପାଇଁ ରଞ୍ଜିତ୍ ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ସମୟରେ କେତେଜଣ ପୁରୁଷ ପିଜି ଡାକ୍ତର ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପହଞ୍ଚି ଜୟଶ୍ରୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ସହିତ କଥା ହୋଇଥିଲେ। ହେଲେ ଏହା ବଚସାରେ ପରିଣତ ହୋଇଥିଲା। ଏହି ଦୃଶ୍ୟକୁ ଜୟଶ୍ରୀଙ୍କ ଭଉଣୀ ନିଜ ମୋବାଇଲରେ ଭିଡିଓ କରିବାରୁ ଉପସ୍ଥିତ ଡାକ୍ତରମାନେ ମୋବାଇଲ ଫୋନ୍ ଛଡ଼ାଇ ନେଇ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଖବରପାଇ ରଞ୍ଜିତ୍ ସେଠାରେ ପହଞ୍ଚି ଜଣେ ଡାକ୍ତରଙ୍କୁ ମୋବାଇଲ ଫୋନ୍ ଛଡ଼ାଇବା ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ସହ ଧସ୍ତାଧସ୍ତି ହୋଇଥିଲା। କିଛି ସମୟ ପରେ ସମ୍ପୃକ୍ତ ଡାକ୍ତର ତାଙ୍କର ୩୦ରୁ ଊର୍ଦ୍ଧ୍ୱ ସହଯୋଗୀଙ୍କୁ ଡାକିଆଣି ରଞ୍ଜିତ୍‌ଙ୍କୁ ଉକ୍ତ ବିଭାଗର ପ୍ରଥମ ମହଲାର ଏକ ରୁମ୍‌ରେ ଭର୍ତ୍ତି କରି ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ଅବସ୍ଥାରେ ଘଟଣା ସମ୍ପର୍କରେ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ଓ ସ୍ଥାନୀୟ ଫାଣ୍ଡି ଅଧିକାରୀ ମଣେଶ୍ୱର ପ୍ରଧାନଙ୍କୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଉକ୍ତ ବିଭାଗର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ଏ ସମ୍ପର୍କରେ ରଞ୍ଜିତ୍ କହିଛନ୍ତି, ଏସ୍‌ସିବିରେ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଅବହେଳା କରାଯାଉଛି। ଏହାର ପ୍ରତିବାଦ କରିବାରୁ କେତେଜଣ ଡାକ୍ତର ସଂଘବଦ୍ଧଭାବେ ଆକ୍ରମଣ କରିଛନ୍ତି। ଅପରପକ୍ଷରେ ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସ କହିଛନ୍ତି, ମେଡିକାଲରେ ଗଣ୍ଡଗୋଳ ଘଟିଥିବା ଖବର ପାଇଛି। ଜରୁରୀ ବୈଠକ ଥିବାରୁ ଘଟଣାସ୍ଥଳକୁ ଯାଇପାରି ନାହିଁ। ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି। ଅପରପକ୍ଷରେ ରଞ୍ଜିତ୍ ଏନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି।



ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କହ୍ନେଇପୁର ପଞ୍ଚାୟତର ଏକ ବିୟର କମ୍ପାନୀରୁ ବାହାରିଥିବା ବର୍ଜ୍ୟଜଳ ନିକଟସ୍ଥ ଚାଷଜମିରେ ମିଶିଛି।

## ଚାଷଜମିରେ ବର୍ଜ୍ୟଜଳ, ବିପଦରେ ବନ୍ୟଜନ୍ତୁ

ମଙ୍ଗୁଳି-ଜଗତପୁର,୨୭।୩(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କହ୍ନେଇପୁର ପଞ୍ଚାୟତର ଏକ ବିୟର କମ୍ପାନୀରୁ ନିଶାଯୁକ୍ତ ବର୍ଜ୍ୟଜଳ ବାହାରି ନିକଟସ୍ଥ ଚାଷଜମିରେ ମିଶୁଛି। ଫଳରେ ଏହା ଦୀର୍ଘଦିନ ଧରି ଜମିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିବା ସହ ଚାଷଜମି ନଷ୍ଟ ହେଉଛି। ତୃଷା ମେଣ୍ଟାଇବା ପାଇଁ ବନ୍ୟଜନ୍ତୁ ଓ ଗୋରୁ ଏହି ଜଳକୁ ପିଇବା ଦ୍ୱାରା ଖାଲରେ ପଡ଼ି ଜୀବନ ହରାଉଥିବା ନଜିର ରହିଛି। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି। ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନ କରାଗଲେ ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ରହିଥିବା ଆଶଙ୍କା ପ୍ରକାଶ ପାଇଛି। ଗତ ୧୮ ତାରିଖରେ ସ୍ଥାନୀୟ ଅଞ୍ଚଳର ଚାଷୀ ଅମିତ୍ କୁମାର ସିଂଙ୍କୁ ଏନେଇ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ସମସ୍ୟା ସମାଧାନ ପାଇଁ କହିଥିଲେ। ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଶତାଧିକ ଚାଷୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଜଙ୍ଗଲରୁ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

ଖୁଣ୍ଟୁଣୀ,୨୭।୩(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କଣ୍ଡରେଇ ପଞ୍ଚାୟତ କଂସର ଗ୍ରାମ ପାର୍ଶ୍ୱ ସଂରକ୍ଷିତ ଜଙ୍ଗଲରୁ ସ୍ଥାନୀୟ ପୋଲିସ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଗୁରୁବାର ଜବତ କରିଛି। ସେ ହେଲେ ଢେଙ୍କାନାଳ ସଦର ଥାନା ଅଧୀନ କାଇମାଟି କୃଷ୍ଣକୁମାରପୁର ଗ୍ରାମର କସ୍ତୁ ନାଏକ। ଉକ୍ତ ଜଙ୍ଗଲର ନାଳ ମଧ୍ୟରେ ଗଳିତ ମୃତଦେହ ପଡିଥିବା ସ୍ଥାନୀୟ ବନବିଭାଗ ଜଗୁଆଳି ଦେଖି ପୋଲିସକୁ ଜଣାଇଥିଲେ। ଖୁଣ୍ଟୁଣୀ ଥାନା ଏଏସ୍‌ଆଇ ଅମ୍ବିକା ପ୍ରସାଦ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ରାତି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ବୃଦ୍ଧ ଜଣଙ୍କ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ କିଛିଦିନ ହେବ ଘରୁ ଚାଲିଆସି ଜଙ୍ଗଲରେ ବୁଲୁଥିଲେ ବୋଲି ତାଙ୍କ ସମ୍ପର୍କୀୟ ଲୋକେ ପୋଲିସକୁ ଜଣାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୫) ରୁଜୁ ହୋଇଛି।

## କଟକ ବୈଶାଖୀ ବାଣିଜ୍ୟମେଳାରେ ଆକର୍ଷିତ କରୁଛି ରୁଚି ମଣ୍ଡପ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରୁଚି ମସଲା ଉଦ୍ୟୋଗର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଓ ଅନ୍ୟମାନେ।

କଟକ,୨୭।୩(କାର୍ତ୍ତିକ ସାହୁ)

କଟକ ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହୋଇଥିବା ୨୧ତମ କଟକ ବୈଶାଖୀ ବାଣିଜ୍ୟମେଳାରେ ରୁଚି ଉଦ୍ୟୋଗର ଷ୍ଟଲ ଦର୍ଶକଙ୍କୁ ଆକର୍ଷିତ କରୁଛି। ମେଳାର ମୁଖ୍ୟ ପ୍ରାୟୋଜକ ରୁଚି ମସଲା ଉଦ୍ୟୋଗର ନିର୍ଦ୍ଦେଶିକା ସଙ୍ଗୀତା ସାହୁ ରୁଚି ମସଲା ମଣ୍ଡପ ଓ ଫ୍ରୋଜିଟ୍ ଡିଭିଜନ ପକ୍ଷରୁ ଖୋଲିଥିବା ଖାଦ୍ୟ ମଣ୍ଡପକୁ ଉଦ୍‌ଘାଟନ କରିଛନ୍ତି। ସେହିପରି ନିର୍ଦ୍ଦେଶିକା ସଲିନା ସାହୁ ରୁଚି ଟି-ମଣ୍ଡପର ମଧ୍ୟ ଲୋକାର୍ପଣ କରିଛନ୍ତି। ରୁଚିର ସମସ୍ତ ପ୍ରକାର ମସଲା, ସିମେଇ ଓ ପାସ୍ତା ସାମଗ୍ରୀ ଗୋଟିଏ କିଣିଲେ ଗୋଟିଏ ବିନା ମୂଲ୍ୟରେ ମିଳିବାର ବ୍ୟବସ୍ଥା ରହିଛି। ଏହା ସହିତ ୮୦୦ ଟଙ୍କାର ସାମଗ୍ରୀ କ୍ରୟ ସହିତ ଲକି ଡ୍ର'ରେ ବମ୍ପର ପୁରସ୍କାର ଭାବରେ ଏଲ୍‌ଇଡି ଟିଭି ଜିତିବାର ସୁଯୋଗ ରହିଛି। ପ୍ରତି ୫୦୦ ଟଙ୍କା, ୮୦୦, ୧୫୦୦, ୩୦୦୦ ଓ ୫୦୦୦ ଟଙ୍କାର ସାମଗ୍ରୀ କିଣିଲେ ଟାୱେଲ, ପ୍ଲାଷ୍ଟିକ ମଗ୍, ପ୍ଲାଷ୍ଟିକ ବାଲ୍‌ତି, ଷ୍ଟିଲ ଥାଳି ଓ ଷ୍ଟିଲ ଡିନର ସେଟ୍ ଉପହାର ଭାବେ ମିଳିବ। ସେହିଭଳି ରୁଚି ଉତ୍କଳ ଓ ଉତ୍କର୍ଷ ଚା, ଅଳେଇଚ ଚା' ଓ ପ୍ରିମିୟମ ଚା' ଉପରେ ବିଭିନ୍ନ ଉପହାର ଯୋଜନା ରହିଛି। ପ୍ରତିଦିନ ରୁଚି ମଣ୍ଡପରେ ଗ୍ରାହକଙ୍କ ପାଇଁ କୁଇଜ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ରହିଛି। ଫ୍ରୋଜିଟ୍ ଡିଭିଜନ ପକ୍ଷରୁ ବେକେରୀ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟସାମଗ୍ରୀ ମଧ୍ୟ ଉପଲବ୍ଧ ହେଉଛି। ଏଥିରେ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। ବାଣିଜ୍ୟ ମେଳା କମିଟି ସଂଯୋଜକ ଦେବୀ ପ୍ରସାଦ ଦାଶ, ସେଲ୍ସ ହେଡ୍ ଦିଲ୍ଲୀପ ସାହୁ, ମାର୍କେଟିଂ ବିଭାଗର ପ୍ରଶାନ୍ତ କୁମାର ପାତ୍ର, ଶୁଭାଶିଷ ଜେନା, ଆଲୋକ ଦାସ, ଅକ୍ଷୟ କୁମାର ପଣ୍ଡା, ଫ୍ରୋଜିଟ୍ ଡିଭିଜନର ଅବିନାଶ ସିଂହ, ଅଂଶୁମାନ ପତି, ହିମାଂଶୁ ସାହୁ ଓ ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ, ଅରକ୍ଷିତ ରଣା, ସୋନାଲି ସାହୁ ଓ ସାଗର ରଞ୍ଜନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଗୁରୁବାର କଟକ ଅନ୍ନପୂର୍ଣ୍ଣା ଥିଏଟରରେ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ'ମର୍ତ୍ତ୍ୟରେ ଦିନଟିଏ'ର ଏକ ଦୃଶ୍ୟ।

## ଶୈଳବାଳା ମନୋବିଜ୍ଞାନ ବିଭାଗରେ ଆଲୋଚନାଚକ୍ର

କଟକ,୨୭।୩(କାର୍ତ୍ତିକ ସାହୁ)

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ଡ. ବିଚିତ୍ରା ପାଣି ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଏଆଇପିଏଚ୍ ବିଶ୍ୱବିଦ୍ୟାଳୟର ଯୋଗ ବିଭାଗ ପ୍ରଫେସର ଡ. ଦୀନେଶ ପ୍ରସାଦ ସ୍ୱାଇଁ ଯୋଗଦେଇ ଚାପ ପରିଚାଳନା ଉପରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ଡ. ଧୀରେନ୍ କୁମାର ନାୟକ ଅତିଥି ପରିଚୟ, ଡ. ଯୋଗମାୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପିକା ଆରାଧନା ନାୟକ ଧନ୍ୟବାଦ ଦେଇଥିଲେ। ଡ. ବିକାଶ କୁମାର ଦାସ, ଗୋପାଙ୍ଗନା ଦାସ, ଅଙ୍କିତା ପ୍ରିୟଦର୍ଶିନୀ, ନିବେଦିତା ବେହେରା, ଲାବ୍ ଆସିଷ୍ଟାଣ୍ଟ ଅପର୍ଣ୍ଣା ଜେନାଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ୪ରେ ସାଧୁସନ୍ଥ ସମାବେଶ

କଟକ ସଦର,୨୭।୩(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁରସ୍ଥିତ ଥାନପତି ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ୪ ତାରିଖରେ ସାଧୁସନ୍ଥ ସମାବେଶ ଅନୁଷ୍ଠିତ ହେବ। ସନାତନି ସେନା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ମଠ ଓ ଆଶ୍ରମର ମହନ୍ତ, ସାଧୁସନ୍ଥ ଯୋଗଦେବେ ବୋଲି ବ୍ରହ୍ମପୁରସ୍ଥିତ ଥାନପତି ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସନାତନି ସେନାର ରାଜ୍ୟ ସଭାପତି ସମୀର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ସାଧୁସନ୍ଥ, ବିଦ୍ୱାନ୍ ବ୍ୟକ୍ତି ଓ ହିନ୍ଦୁଧର୍ମକୁ ଭଲ ପାଉଥିବା ବ୍ୟକ୍ତିମାନଙ୍କ ଦସ୍ତଖତ ସଂଗ୍ରହ କରାଯିବ। ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା, ଗୋ ହତ୍ୟା ବନ୍ଦ କରିବା, ଭାଗବତ ଗୀତାର ପ୍ରଚାର, ସାଧୁସନ୍ଥଙ୍କୁ ସୁରକ୍ଷା ଓ ସମ୍ମାନ ଦେବା ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ପ୍ରଦାନ କରାଯିବ। ଏହି ଖବରଦାତା ସମ୍ମିଳନୀରେ ପ୍ରବେଶ ରାଉତ, ରଘୁନାଥ ଚୌଧୁରୀ ,ଅନିଲ ଦାସ, ଅସୀମ ରଞ୍ଜନ ଦାସ ଓ ଅମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୪୫ ମିନିଟ୍‌ରେ ମୃତଦେହ ସତ୍କାର, ଦେୟ ୨୦୦୦

କଟକ,୨୭।୩(କାର୍ତ୍ତିକ ସାହୁ)



କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର, କମିଶନରଙ୍କ ସମେତ ଅନ୍ୟମାନେ।

**ଖାନ୍‌ନଗରରେ ମୃତଦେହ ଦାହ ଗ୍ୟାସ୍‌ଚୁଲା କାର୍ଯ୍ୟକ୍ଷମ**

ଖାନ୍‌ନଗର ଶ୍ମଶାନରେ ଗ୍ୟାସ୍‌ଚୁଲା ଜରିଆରେ ମୃତଦେହ ସତ୍କାର ବ୍ୟବସ୍ଥାକୁ ସିଏମ୍‌ସି ମେୟର ସୁବାସ ସିଂ ଗୁରୁବାର ଶୁଭାରମ୍ଭ କରିଛନ୍ତି। ଏହି ଅତ୍ୟାଧୁନିକ ଗ୍ୟାସ୍‌ଚୁଲା ଶବ ଦାହ ପ୍ରକଳ୍ପ ନିର୍ମାଣ ନିମନ୍ତେ ୪କୋଟି ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଗୋଟିଏ ମୃତଦେହ ସତ୍କାର ପାଇଁ ପ୍ରାୟ ୪୫ ମିନିଟ୍ ସମୟ ଲାଗିବ। ପ୍ରତି ମୃତଦେହ ସତ୍କାର ପାଇଁ ୨୦୦୦ଟଙ୍କା ଦେବାକୁ ପଡ଼ିବ। ମୃତଦେହ ସତ୍କାର ପରେ ଅସ୍ଥି ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଗ୍ୟାସ୍‌ଚୁଲାରେ ମୃତଦେହ ସତ୍କାର କାର୍ଯ୍ୟକ୍ରମ ପ୍ରତିଦିନ ୨୪ ଘଣ୍ଟା ଉପଲବ୍ଧ ରହିବ।

ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟରେ ଏହି ଅତ୍ୟାଧୁନିକ ଗ୍ୟାସ୍‌ଚୁଲାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଗେଲ୍ ଇଣ୍ଡିଆ ତାହାର ଟେକ୍ନିକାଲ ଷ୍ଟାଫ୍ ଦେଇ ନ ଥିବାରୁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। କିନ୍ତୁ ଏବେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଛି। କଟକ ସହରରେ ପ୍ରାୟ ୨୫ଟି ଶ୍ମଶାନ ରହିଛି। ପରିବେଶ ପ୍ରଦୂଷଣ ରୋକିବା ସହିତ କାଠର ବ୍ୟବହାର କମ୍ କରିବା ପାଇଁ ଧୀରେ ଧୀରେ ସହରର ଅନ୍ୟ ପ୍ରମୁଖ ଶ୍ମଶାନଗୁଡ଼ିକରେ ମଧ୍ୟ ଏଭଳି ଗ୍ୟାସ୍‌ଚୁଲା ମାଧ୍ୟମରେ ମୃତଦେହ ସତ୍କାର ନିମନ୍ତେ ଯୋଜନା ରହିଛି ବୋଲି ମେୟର କହିଛନ୍ତି। ଖାନ୍‌ନଗର ଶ୍ମଶାନ ପରେ କଟକର ଅନ୍ୟ ପ୍ରମୁଖ ଶ୍ମଶାନ ସତୀଚୌରାରେ ମଧ୍ୟ ଗ୍ୟାସ୍‌ଚୁଲା ପ୍ରକଳ୍ପ ୭୦ ଭାଗ କାର୍ଯ୍ୟ ଶେଷ ହୋଇଛି। ଗ୍ୟାସ୍‌ଚୁଲାରେ ମୃତଦେହ ସତ୍କାର ଦ୍ୱାରା ପରିବେଶ ପ୍ରଦୂଷଣ କମ୍ ରହିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ସିଏମ୍‌ସି କମିଶନର ଅନାମ ଚରଣ ମହାପାତ୍ର, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଅଧକ୍ଷା ଦୀପ୍ତିମୟୀ ମୁଳିଆ, ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟି ଅଧକ୍ଷ ପ୍ରଦୀପ ଖୁଣ୍ଟିଆ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପ୍ରଭାସ ରଞ୍ଜନ ବିଶ୍ୱାଳଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## କଟକ ବୈଶାଖୀ ବାଣିଜ୍ୟ ମେଳା ଉଦ୍‌ଘାଟିତ

କଟକ,୨୭।୩(କାର୍ତ୍ତିକ ସାହୁ)



କଟକ ବୈଶାଖୀ ବାଣିଜ୍ୟ ମେଳାକୁ ମୁଖ୍ୟ ଅତିଥି ଆଶୀର୍ବାଦ ବେହେରା ଉଦ୍‌ଘାଟନ କରୁଛନ୍ତି।

ସାଧବ ପୁଅମାନେ କାର୍ତ୍ତିକ ମାସରେ ବିଦେଶକୁ ବାଣିଜ୍ୟ କରିବା ପାଇଁ ଯାଉଥିଲେ। ସେମାନେ ବିଦେଶରୁ ବାଣିଜ୍ୟ ସାରି ଫେରିବା ପରେ ବାଲିଯାତ୍ରା ପଡ଼ିଆରେ ବୈଶାଖ ମାସରେ ଲାଗୁଥିଲା ବାଣିଜ୍ୟିକ ମେଳା। ଏହାକୁ ବୈଶାଖୀ ବାଣିଜ୍ୟ ମେଳା ବା ସାଧବ ପୁଅଙ୍କ ଫେରନ୍ତା ବାଲିଯାତ୍ରା କୁହାଯାଏ। ବାଲିଯାତ୍ରା ପଡ଼ିଆରେ ଗୁରୁବାର ଆୟୋଜିତ ୨୧ତମ ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟମେଳାକୁ ମୁଖ୍ୟ ଅତିଥି ଆୟୋଜନ ସମିତିର ଆବାହକ ଆଶୀର୍ବାଦ ବେହେରା ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। କମିଟି ଅଧକ୍ଷ ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରୁଚିର ଲୋକସମ୍ପର୍କ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଯୋଗଦେଇ କହିଛନ୍ତି, କଟକ ବୈଶାଖୀ ବାଣିଜ୍ୟ ମେଳା ରାଜ୍ୟର ଅନେକ ଯୁବ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ପାଇଁ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୃଷ୍ଠପୋଷକ ଡ. ରଞ୍ଜନ କୁମାର ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା ଯୋଗଦେଇ ଏହାକୁ କଟକର ୨ୟ ବାଲିଯାତ୍ରା ବୋଲି କହିଛନ୍ତି। ମେଳାର ସଂଯୋଜକ ଦେବୀପ୍ରସାଦ ଦାଶ ସ୍ୱାଗତ ଭାଷଣ ଦେଇ ୧୦ଟି ଦେଶ ଏବଂ ଓଡ଼ିଶା ସମେତ ୨୦ଟି ରାଜ୍ୟରୁ ୬୩୫ ଜଣ ଉଦ୍ୟୋଗୀ ସେମାନଙ୍କର ବାଣିଜ୍ୟିକ ଷ୍ଟଲ ଖୋଲିଥିବା କହିଛନ୍ତି। ସଂଯୋଜକ ସଞ୍ଜୀବ ବେହେରା, କୋଷାଧ୍ୟକ୍ଷ ଦିଲୀପ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

ଆଫଗାନସ୍ଥାନ, ଥାଇଲାଣ୍ଡ, ବାଂଲାଦେଶ, ମାଲେସିଆ, ଦୁବାଇ, ଇରାନ ଓ ତୁର୍କୀର ଉଦ୍ୟୋଗୀମାନଙ୍କ ବିଭିନ୍ନ ସୌଖୀନ ଓ ଘରକରଣା ସାମଗ୍ରୀ ସହିତ ଶୁଖିଲା ଖାଦ୍ୟସାମଗ୍ରୀ ବାଣିଜ୍ୟମେଳାର ଏସି ହ୍ୟାଙ୍ଗର ଷ୍ଟଲରେ ସ୍ଥାନିତ ହୋଇଛି। ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ, ଜମ୍ମୁ-କଶ୍ମୀର ରାଜ୍ୟର ବ୍ୟବସାୟୀ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ଷ୍ଟଲ ଖୋଲିଛନ୍ତି। ଏଥିସହ ଓଡ଼ିଶାର ବିଭିନ୍ନ ଜିଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ପ୍ରତିଷ୍ଠିତ ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ଫୁଡ୍‌କୋର୍ଟରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ମୁଢ଼ିମାଂସ, ଛେନାଝିଲି, ରସାବଳି ଠାରୁ ଆରମ୍ଭ କରି ରାଜସ୍ଥାନୀ ଖାଦ୍ୟ ଓ ସମସ୍ତ ପ୍ରକାର ଫାଷ୍ଟଫୁଡ୍ ଉପଲବ୍ଧ ହୋଇଛି। ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଦୋଳିର ବ୍ୟବସ୍ଥା କରାଯାଇଛି। କଟକ ବୈଶାଖୀ ବାଣିଜ୍ୟ ମେଳା ପରିସରସ୍ଥ ମଞ୍ଚରେ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ଫଟୋରେ ଖବର**



ଓଡ଼ିଶା ହାଇକୋର୍ଟ ସମ୍ମିଳନୀ କକ୍ଷକୁ ଗୁରୁବାର ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉଦ୍‌ଘାଟନ କରୁଛନ୍ତି।




ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ କଟକ ବାଙ୍କା ବଜାରସ୍ଥିତ ଜନତା ରଙ୍ଗମଞ୍ଚରେ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତଙ୍କୁ ଉଠାଇନେଲା ସୁରଟ ପୋଲିସ

**ବାଣପୁର,୨୭।୩(ଦିଲୀପ କୁମାର ସ୍ୱାଇଁ)**

ଏକ ହତ୍ୟା ଘଟଣାରେ ଦୀର୍ଘ ୩୦ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବାଣପୁର ଥାନା ପୋଲିସ ସହାୟତାରେ ଗୁରୁବାର ସୁରଟ ପୋଲିସ ଉଠାଇ ନେଇଛି। ଅଭିଯୁକ୍ତ ହେଲେ ବାଣପୁର ଦାଶରଥିପୁର ସାହିର ରାଜେନ୍ଦ୍ର ପରିଡ଼ା। ପ୍ରକାଶ ଯେ, ରାଜେନ୍ଦ୍ର ୩୦ବର୍ଷ ପୂର୍ବେ ସୁରଟରେ କାମ କରୁଥିବା ବେଳେ ଏକ ହତ୍ୟା ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ନେଇ ସୁରଟ ପୋଲିସ ଜାଣିବାକୁ ପାଇଥିଲା। ପରେ ସେଠାକାର ପୋଲିସ ତାଙ୍କୁ ଖୋଜୁଥିବାରୁ ସେ ବାଣପୁର ଆସି ସାଧାରଣ ଜୀବନ ବିତାଉଥିଲେ। ତାଙ୍କୁ ଧରିବା ପାଇଁ ଏନ୍‌ବିଡବ୍ଲୁ ଜାରି କରାଯାଇଥିଲା। ଘଟଣାର ୩୦ବର୍ଷ ପରେ ସୁରଟ ପୋଲିସର ଏକ ଟିମ୍ ଗୁରୁବାର ବାଣପୁର ପୋଲିସ ସହାୟତାରେ ରାଜେନ୍ଦ୍ରଙ୍କୁ ତାଙ୍କ ଘରୁ ଉଠାଇ ନେଇଛନ୍ତି।

### ଯୁବତୀ ନିଖୋଜ ନେଇ ଅଭିଯୋଗ

**ବେଗୁନିଆ,୨୭।୩(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ଥାନା ଅଞ୍ଚଳରୁ ଜଣେ ଯୁବତୀ ନିଖୋଜ ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଯୁବତୀଙ୍କ ମା' ଗୁରୁବାର ରାତିରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ କଣ୍ଟାବାଡ଼ ପଞ୍ଚାୟତ ଅଞ୍ଚଳର ଏକ ଆଦିବାସୀ ସାହିର ଜଣେ ଯୁବତୀ ଗତ ଦୁଇଦିନ ହେବ ନିଖୋଜ ଅଛନ୍ତି। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ସ୍ଥାନୀୟ ପ୍ରତିନିଧିଙ୍କ ସହଯୋଗରେ ଥାନା ଅଧିକାରୀଙ୍କ ସହଯୋଗ ଲୋଡ଼ିଛନ୍ତି ବୋଲି ପରିବାର ପକ୍ଷରୁ କୁହାଯାଇଛି।

### ହାଇୱା ଧକ୍କାରେ ବୃଦ୍ଧ ଗୁରୁତର

**ବେଗୁନିଆ,୨୭।୩(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ଅଧୀନ ଦେଉଳି-ଡଙ୍ଗରପଡ଼ା ରାସ୍ତାରେ ହାଇୱା ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଡଙ୍ଗରପଡ଼ା ଗ୍ରାମର ମହେନ୍ଦ୍ର ମିଶ୍ର (୭୦)। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମହେନ୍ଦ୍ର ସ୍କୁଟିରେ ଯାଉଥିବା ବେଳେ ଏକ ହାଇୱା(ଓଡି ୦୨ଏଭି ୦୫୧୭) ତାଙ୍କୁ ଧକ୍କାଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଏନେଇ ମହେନ୍ଦ୍ରଙ୍କ ପୁଅ ଶଶିଭୂଷଣ ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଲୁନାକୁ ପିଟିଲା ବାଇକ୍, ୩ ଆହତ

**ବାଲୁଗାଁ,୨୭।୩(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଥାନା ଅଧୀନ ଧୂଆଁଳ ଛକ ନିକଟରେ ଗୁରୁବାର ଏକ ଲୁନା ପଛକୁ ବାଇକ୍ ଧକ୍କାଦେବାରୁ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଧୂଆଁଳ ଗ୍ରାମର ଶ୍ରୀବତ୍ସ ବିଶ୍ୱାଳ ପୂର୍ବାହ୍ନ ୧୧ଟାରେ ଲୁନାରେ କୁମ୍ଭୀରପଡ଼ା ଗ୍ରାମରୁ ଘରକୁ ଫେରୁଥିଲେ। ଧୂଆଁଳ ଛକଠାରେ ଲୁନା ପଛକୁ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଶ୍ରୀବତ୍ସ ଏବଂ ବାଇକରେ ବସିଥିବା ୨କଲେଜ ଛାତ୍ର ଛିଟିକି ପଡ଼ି ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଶ୍ରୀବତ୍ସଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ରାମନବମୀ ପାଳନ ପ୍ରସ୍ତୁତି

**ବୋଲଗଡ଼,୨୭।୩(ଦେବବ୍ରତ ହୋତା)**

ବୋଲଗଡ଼ ବଜରଙ୍ଗ ପ୍ରଖଣ୍ଡ ଅନ୍ତର୍ଗତ ସଂପୁର (ଖଣ୍ଡ) ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାମନବମୀ ଉତ୍ସବ ପାଳନ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୋଲଗଡ଼ ବଜରଙ୍ଗ ପ୍ରଖଣ୍ଡର ବରିଷ୍ଠ ସଦସ୍ୟ ମୁକେଶ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ସଂପୁର ଖଣ୍ଡର ସଦସ୍ୟ ଲୁଲୁ ମିଶ୍ର, ସତ୍ୟବ୍ରତ ଦାସ, ପ୍ରିୟବ୍ରତ ଦାସ, ବାପି ସାଥୁଆଙ୍କ ସମେତ ବୋଲଗଡ଼ ବଜରଙ୍ଗ ପ୍ରଖଣ୍ଡର ସଦସ୍ୟ ଓ ସଂପୁର ଖଣ୍ଡର ପ୍ରତି ସାହିରୁ ଅନେକ ସଦସ୍ୟମାନେ ଯୋଗଦେଇଥିଲେ। ଚଳିତ ବର୍ଷ ରାମ ନବମୀ ଉତ୍ସବକୁ ଆଡମ୍ବରରେ ଶାନ୍ତିଶୃଙ୍ଖଳାରେ ପାଳନ କରିବାକୁ ଆଲୋଚନା କରାଯିବା ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି।

# ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

## ପୃଥକ୍ ସ୍ଥାନରୁ ୨ ଯୁବକଙ୍କୁ ଅପହରଣ ଘଟଣା

**ଖୋର୍ଦ୍ଧା,୨୭।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ସଦର ଥାନା ଅଞ୍ଚଳରେ ବନ୍ଧୁକ ଦେଖାଇ ଦୁଇ ଜଣ ଯୁବକଙ୍କୁ ଅପହରଣ ଘଟଣାରେ ଉଭୟ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ତେବେ ଏଯାବତ୍ ପୋଲିସ ଉକ୍ତ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିପାରିନାହିଁ। ଘଟଣାର ତଦନ୍ତ ଚାଲିଥିବା କହି ପୋଲିସ ଏହାକୁ ଏଡ଼ାଇ ଯାଇଥିବା ବେଳେ ସମ୍ପୃକ୍ତ ପରିବାର ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଗିରଫ କରିବାରେ ପୋଲିସର ମନ୍ଥରତାରୁ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନରେ ଆସିବା ପାଇଁ ସୁଯୋଗ ଦେଇଛି ବୋଲି ଆଲୋଚନା ହେଉଛି।

ସୂଚନାଥାଉ କି, ଗତ ୯ତାରିଖରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ନନ୍ଦପୁରର କେତେଜଣ ଯୁବକ କାରରୁ ଓହ୍ଲାଇ ଛତ୍ରମା ଗ୍ରାମର ସୁବ୍ରତ ସୁନ୍ଦରାୟଙ୍କୁ ବନ୍ଧୁକ ଏବଂ ଭୁଜାଲି ଦେଖାଇ ଅପହରଣ କରିନେଇଥିଲେ। ଏପରିକି ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଅରୁଗୁଳ ଜଙ୍ଗଲରେ ଫୋପାଡି ଦେଇଥିଲେ। ଖବରପାଇ ପୋଲିସ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଅପହରଣ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସୁବ୍ରତଙ୍କ ପରିବାର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏହାର ପ୍ରତିବାଦରେ ଗତ ୧୨ତାରିଖରେ କେତେଜଣ ଗ୍ରାମବାସୀ ସୁବ୍ରତଙ୍କୁ ହ୍ୱିଲ ଚେୟାରରେ ବସାଇ ଏସ୍‌ପି ଅଫିସ ଘେରାଉ କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏସ୍‌ପି ସାଗରିକା ନାଥ ପ୍ରତିଶ୍ରୁତି ଦେଇଥିବା ବେଳେ ଏଯାବତ ସଦର ପୋଲିସ ପକ୍ଷରୁ କାହାରିକୁ ଗିରଫ କରାଯାଇନାହିଁ। ଅଭିଯୁକ୍ତମାନେ ଜଣେ ପ୍ରଭାବଶାଳୀ ନେତାଙ୍କ ଛତ୍ରଛାୟା ତଳେ ଥିବାରୁ ପୋଲିସ ସେମାନଙ୍କୁ ଗିରଫ କରିବାକୁ ପଛଘୁଞ୍ଚା ଦେଉଥିବା ଆଲୋଚନା ହେଉଥିବା ବେଳେ ସଦର ପୋଲିସ ଏହାକୁ ଖଣ୍ଡନ କରିଛି। ସେହିପରି ଗତ ୧୯ତାରିଖ ରାତିରେ କୁମାରବସ୍ତ ଗ୍ରାମର ଟାଙ୍ଗିଆପଡ଼ା ପଞ୍ଚାୟତ ସମିତିସଭ୍ୟାଙ୍କ ଘରେ ପଶି କୁମାରବସ୍ତର କେତେଜଣ ଯୁବକ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପରଦିନ ତଥା ୨୦ତାରିଖରେ ତାଙ୍କ ବଡ଼ପୁଅ ସୁମିତ ପାଇକରାୟ କାରରେ ସାଙ୍ଗମାନଙ୍କ ସହ ମେଡିକାଲକୁ ଯାଉଥିବା ବେଳେ ଆଦର୍ଶ ଥାନା ନିକଟରେ ସମ୍ପୃକ୍ତ ଆକ୍ରମଣକାରୀ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇ ଗ୍ରାମରେ ରଖିଥିଲେ। ୩ ଘଣ୍ଟା ପରେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଛି। ତେବେ ଏହି ଘଟଣାକୁ ୭ ଦିନ ବିତିଥିଲେ ମଧ୍ୟ ପୋଲିସ ହାତ ଖାଲି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ପରିବାର ଲୋକେ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏଏସ୍‌ପି ମହାନ୍ତି ଖୋର୍ଦ୍ଧା ଏବଂ ଶିଳ୍ପାଞ୍ଚଳ ପୋଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ବୁଲୁଛନ୍ତି ଅଭିଯୁକ୍ତ, ଧରୁନି ପୋଲିସ

### ଖଣିରୁ ୩୯ ଗାଡ଼ି ଜବତ ଘଟଣା

**ଖୋର୍ଦ୍ଧା,୨୭।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ହଳଦିପଦା ମୌଜାରେ ଚାଲିଥିବା ବେଆଇନ ଖଣିରେ ମିଳିତ ଟାସ୍କଫୋର୍ସ କମିଟି ଚଢ଼ାଉ କରି ୩୯ଟି ଗାଡ଼ି ଜବତ କରିଥିବା ବେଳେ ୬ଜଣଙ୍କୁ ଗିରଫ କରିଥିଲା। ଥାନାରେ ୨୫ଜଣଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଛି। ତେବେ ଫେରାର ଅଭିଯୁକ୍ତଙ୍କ ମଧ୍ୟରେ ଏକାଧିକ ଖଣି ମାଫିଆ ରହିଛନ୍ତି। ହେଲେ ପୋଲିସ କେବଳ ଗାଡ଼ି ଡ୍ରାଇଭରଙ୍କୁ ଗିରଫ କରି ବାହାବା ନେଉଥିବା ବେଳେ ଖଣି ମାଫିଆମାନେ ବୁଲୁଛନ୍ତି। ପୋଲିସ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁକରି ନୀରବ ବସିଛି ବୋଲି ଚର୍ଚ୍ଚା ହେଉଛି। ଦୀର୍ଘ ବର୍ଷ ଧରି ମାଫିଆମାନେ ମୋରମ, ମାଙ୍କଡ଼ା ପଥର ଚାଲାଣ କରି ଲକ୍ଷାଧିକ ଟଙ୍କା ଲୁଟ କରିଥିବା ବେଳେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଇଛନ୍ତି। ପୋଲିସ କାହା ଚାପରେ ଅଭିଯୁକ୍ତମାନଙ୍କୁ ଧରୁନି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏକାଧିକ ଅଭିଯୁକ୍ତ ଶରଧାପୁର ଅଞ୍ଚଳରେ ଲୁଚିଥିବା ନେଇ ଆଲୋଚନା ହେଉଛି। ବେଆଇନ ଖଣି ଖାଦାନରୁ ହରିଲୁଟ, ରାଜସ୍ୱ ହାନି ରୋକିବା ପାଇଁ ଖୋର୍ଦ୍ଧା ପୋଲିସ ଅପରେଶନ ଖଣି ମୁକ୍ତ ଅଭିଯାନ ଆରମ୍ଭ କରିଥିବା ବେଳେ ଅନ୍ୟପଟେ ଖଣି ମାଫିଆଙ୍କୁ ଗିରଫ କରିବାରେ ପଛଘୁଞ୍ଚା ଦେଉଛି ବୋଲି ଅଭିଯୋଗ ହୋଇଛି। ସେପଟେ ଖଣି ମାଫିଆମାନେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିବା ଆଲୋଚନା ହେଉଛି।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

**ଟାଙ୍ଗୀ,୨୭।୩(ରଘୁନାଥ ସାହୁ)**

ସୁନ୍ଦରପୁରସ୍ଥିତ ମୁକ୍ତେଶ୍ୱର ଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱର ଦେବ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଆମ ସଂସ୍କୃତି ଆମ ଖେଳଣା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲିଲିପ୍ତା ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ପ୍ରାଥମିକ ଶିକ୍ଷକ ସଭାପତି ସଲୀଳ କୁମାର ସ୍ୱାଇଁ, ଶିକ୍ଷକ ଅମିତ ଚକ୍ରବର୍ତ୍ତୀ, ପ୍ରସନ୍ନ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ଖେଳଣା ମାଧ୍ୟମରେ ଶ୍ରେଣୀ ଶିକ୍ଷାଦାନ ଶିଶୁମାନଙ୍କୁ ଅଧିକ ଆକର୍ଷିତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ମାଧବ ମହାରଣା ଧନ୍ୟବାଦ ଦେଇଥିଲେ। ୧୨ଟି ସରକାରୀ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଏବଂ ସୃଜନଶୀଳତା ବିକାଶ ବିଷୟ ଆଧାରିତ ଅଦରକାରୀ ସାମଗ୍ରୀକୁ ନେଇ ଖେଳଣା ପ୍ରସ୍ତୁତି କରିଥିଲେ। ପ୍ରଶାନ୍ତ ସାହୁ, ରମେଶ ପଣ୍ଡା, ଚିନ୍ମୟ ଚିନ୍ତନ ବାରିକ, ମୀନାକ୍ଷୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## କୋର୍ଟ ପରିସରରେ ସ୍ୱାମୀ-ସ୍ତ୍ରୀ ମାରପିଟ

**ବାଣପୁର,୨୭।୩(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ମାମଲା ଶୁଣାଣି ପାଇଁ ଅଦାଲକୁ ଆସିଥିବା ଦୁଇ ପକ୍ଷ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମାରପିଟ ହୋଇଛି। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ୯ବର୍ଷ ପୂର୍ବେ ବାଣପୁର ଥାନା ଭୀମପୁର ଗ୍ରାମ ଚଣ୍ଡିପ୍ରସାଦ ସାହିର ଦେବୀଦତ୍ତ ଫାଲଗୁନି ସାମନ୍ତରାୟ ଓରଫ ବୁଲୁ ପଡୋଶୀ ସୁଜାତା ପ୍ରଧାନଙ୍କୁ ବିବାହ କରିଥିଲେ। ବିବାହର ୫ବର୍ଷ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ଉଭୟ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଏହାର ସମାଧାନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ମତାନ୍ତର ବୃଦ୍ଧି ପାଇଥିଲା। ଏନେଇ ଉଭୟଙ୍କ ପକ୍ଷରୁ ୬ଟି ମାମଲା ବିଚାରାଧୀନ ରହିଛି। ଗୁରୁବାର ଅପରାହ୍ନରେ ବାଣପୁର ପରିବାର ଅଦାଲତରେ ସୁଜାତାଙ୍କ ଅଭିଯୋଗର ଶୁଣାଣି ହୋଇଥିଲା। ଏନେଇ ଉଭୟ ପକ୍ଷ ପରିବାର ସଦସ୍ୟଙ୍କ ସହ ଅଦାଲତକୁ ଆସିଥିଲେ। ଶୁଣାଣି ଶେଷ ପରେ ଅଦାଲତ ସମ୍ମୁଖରେ ବୁଲୁ ଓ ସୁଜାତାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ତେବେ ବୁଲୁ ଓ ତାଙ୍କ ଦଦା ଲକ୍ଷ୍ମୀଧର ମରଣାନ୍ତକ ଆକ୍ରମଣ କରିଥିବା ସୁଜାତା ଥାନାରେ ଅଭିଯୋଗ କରଛନ୍ତି। ସେହିପରି ସୁଜାତା ଏବଂ ତାଙ୍କ ବାପା ମୁରଲୀଧର ଓ ମା' ଅହଲ୍ୟା ସଂଘବଦ୍ଧଭାବେ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଲକ୍ଷ୍ମୀଧର ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ଅଭିଯୋଗର ତଦନ୍ତ ଚାଲିଥିବା ଥାନାଧିକାରୀ ରମେଶ କୁମାର ଦେବତା କହିଛନ୍ତି।




ବିଶ୍ୱ ନାଟ୍ୟ ଦିବସ ଅବସରରେ ଗୁରୁବାର ଯାଁଳା ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ଅନୁଷ୍ଠିତ ପଦଯାତ୍ରାରେ ସାମିଲ ହୋଇଥିବା କଳାକାରମାନେ।

## ବିଶ୍ୱ ନାଟ୍ୟ ଦିବସ ପାଳିତ

**ଯାଁଳା,୨୭।୩(ବୁଲା ବାରିକ)**

ବିଶ୍ୱ ନାଟ୍ୟ ଦିବସ ଅବସରରେ ଯାଁଳା ଇନ୍ଦ୍ରଧନୁ ଥିଏଟର ପକ୍ଷରୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଇନ୍ଦ୍ରଧନୁ ଥିଏଟରର ସମସ୍ତ କଳାକାର ବିଭିନ୍ନ ବେଶରେ ସଜ୍ଜିତ ହୋଇ ପ୍ଲାଗକାର୍ଡ ଧରି ଯାଁଳା ବଜାର ଓ ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ ବାର୍ତ୍ତା ନେଇ କଳାକାରମାନେ ବିଭିନ୍ନ ଛକରେ ଲୋକଙ୍କୁ ସଚେତନ କରିଥିଲେ। ଥିଏଟର ମାଧ୍ୟମରେ କିପରି କଳା ଓ କଳାକାରଙ୍କୁ ବଞ୍ଚାଇ ରଖିବା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପଦଯାତ୍ରାରେ ଇନ୍ଦ୍ରଧନୁ ଥିଏଟରର ନିର୍ଦ୍ଦେଶକ ତଥା ବରିଷ୍ଠ କଳାକାର ଶ୍ରୀବତ୍ସ ମହାନ୍ତି, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ବରିଷ୍ଠ ଆଇନଜୀବୀ ତଥା ସ୍ଥାନୀୟ ଅଞ୍ଚଳର ହାସ୍ୟ ଅଭିନେତା ଜ୍ଞାନେନ୍ଦ୍ର କୁମାର ସେନାପତି, ସମାଜସେବୀ ପ୍ରଦୀପ ପଟ୍ଟନାୟକ, ଇନ୍ଦ୍ରଧନୁ ଥିଏଟରର ସମସ୍ତ କଳାକାର ଯୋଗଦେଇଥିଲେ।

## ଆଜି ମନ୍ତ୍ରିମଣ୍ଡଳସ୍ତରୀୟ କମିଟିକୁ ଭେଟିବ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ

**ଭୁବନେଶ୍ୱର,୨୭।୩(ସୁଚିସ୍ମିତା ସାହୁ):**

ଓଡ଼ିଶା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଆନ୍ଦୋଳନର ଦ୍ୱିତୀୟ ଦିବସରେ ଗୁରୁବାର ହଜାର ହଜାର କର୍ମଚାରୀ ଆନ୍ଦୋଳନ ଜାରି ରଖିଥିଲେ। ରାତି ପ୍ରାୟ ୧୦ଟାରେ ବିଧାୟକ ବାବୁ ସିଂ ଏବଂ ଇରାଶିଷ ଆଚାର୍ଯ୍ୟ ଆନ୍ଦୋଳନସ୍ଥଳକୁ ଆସିଥିଲେ। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗଠିତ ୩ ଜଣିଆ ମନ୍ତ୍ରୀସ୍ତରୀୟ କମିଟି ଓ ୭ ଜଣ ବିଧାୟକଙ୍କୁ ନେଇ ଏକ କ୍ଷମତା ସମ୍ପନ୍ନ କମିଟି ସମ୍ମୁଖରେ ମହାସଂଘର ୮ ଜଣିଆ ପ୍ରତିନିଧିମଣ୍ଡଳୀ ଦାବିକୁ ନେଇ ଆଲୋଚନା କରିବେ।

## ଓଳସିଂହ ବାରଦୋଳ ମେଳଣ



**ନିରାକାରପୁର,୨୭।୩(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଓଳସିଂହରେ ବାରଦୋଳ ମେଳଣ ଆରମ୍ଭ ହୋଇଯାଇଛି। ବିଳମ୍ବିତ ରାତିରେ ଗ୍ରାମର ଇଷ୍ଟଦେବ ତଥା ମେଳଣର ଥାନପତି ଶ୍ରୀବଡ଼ ଗିରିଧାରୀ ଦେବଙ୍କୁ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଅଣାଯାଇଥିଲା। ବିଭିନ୍ନ ପାରମ୍ପରିକ ନୃତ୍ୟ ସହ ବାଦ୍ୟର ତାଳେତାଳେ ଗାଁ ପରିବେଶ ମୁଖରିତ ହୋଇପଡ଼ିଥିଲା। ଅନୁରୂପଭାବେ ନିମନ୍ତ୍ରଣ ରକ୍ଷାକରି ରମାବିଲି, ଡମଣଭୂମି,ଗୟାବନ୍ଧ, ଗୋଡ଼ା, ସାମନ୍ତରାୟପୁର, ପରିଛଳ, ଦେଉଳି, ଛଣଗିରି ଆଦି ଅଞ୍ଚଳର ପ୍ରାୟ ୩୧ରୁ ଊର୍ଦ୍ଧ୍ୱ ଠାକୁର ସାମିଲ ହୋଇଥିଲେ। ଘଣ୍ଟ, ମୃଦଙ୍ଗ ବାଦ୍ୟ ସହିତ ହରିବୋଲ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ମେଳଣ ପଡ଼ିଆରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ମେଳଣ ପଡ଼ିଆରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଶ୍ରୀଜୀଉଙ୍କ ଏହି ଦୁର୍ଲଭ ବେଶ ଦେଖିବା ସହ ପ୍ରଭୁକୃପା ନିମନ୍ତେ କ୍ରିୟା କମିଟିର ସଭାପତି ପ୍ରେମାନନ୍ଦ ପରିଡା, ବରିଷ୍ଠ ସଦସ୍ୟ ଜମ୍ମେଶ୍ୱର ବୈରୀଗଞ୍ଜନ, ଉପଦେଷ୍ଟା ଦେବରାଜ ବରିଶଳ ପ୍ରମୁଖ କମିଟି ସଦସ୍ୟମାନେ ନିବେଦନ କରିଛନ୍ତି।

## ବ୍ଲକ୍ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପଡ଼ିଥିବା ନେଇ ଅସନ୍ତୋଷ

**ଖୋର୍ଦ୍ଧା,୨୭।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗେଟ୍‌ରେ ଗୁରୁବାର ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ଖୋଲା ରହିଥିବା ବେଳେ କେଉଁ କାରଣରୁ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ କୌଣସି କାମରେ କାର୍ଯ୍ୟାଳୟକୁ ଆସିଥିବା ଲୋକେ ତାଲା ଝୁଲୁଥିବା ଦେଖି ଫେରିଯାଇଥିବା ଜଣାପଡିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ପ୍ରଦେଶ କଂଗ୍ରେସ କମିଟି ଗୁରୁବାର ବିଧାନସଭା ଘେରାଉ ଡାକରା ଦେଇଥିଲା। ତେବେ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ତଥା ଯେପରି କୌଣସି କଂଗ୍ରେସ କର୍ମୀ କାର୍ଯ୍ୟାଳୟ ଭିତରକୁ ନ ପଶି ଆସିବେ, ସେ ଦୃଷ୍ଟିରୁ ଫାଟକରେ ତାଲା ପକାଯାଇଥିବା କୁହାଯାଇଛି। ଅନ୍ୟପଟେ ସେଭଳି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେଲେ ସରକାରୀ କାର୍ଯ୍ୟାଳୟ ଫାଟକରେ ତାଲା ପକାଯାଇପାରିବ ନାହିଁ ବୋଲି କେତେଜଣ ଜିଲାସ୍ତରୀୟ ଅଧିକାରୀ କହିଛନ୍ତି। ତେବେ କାର୍ଯ୍ୟାଳୟ ଭିତରେ କାମ ଚାଲିଥିବା ବେଳେ କାହିଁକି ତାଲା ପକାଯାଇଥିଲା, କିଏ ଏଥିଲାଗି ଅନୁମତି ଦେଇଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଡିଓ କ୍ଷିରାବ୍ଧି ତନୟା ସାହୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପ୍ରଭାତ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ତମାଣ୍ଡୋ ସେମିଫାଇନାଲରେ

**ଯାଁଳା,୨୭।୩(ବୁଲା ବାରିକ)**

ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଅନୁଷ୍ଠିତ ପ୍ରଭାତ ମେମୋରିଆଲ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ତମାଣ୍ଡୋ ଟିମ୍ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ତମାଣ୍ଡୋ ଏବଂ ମେଣ୍ଢାଶାଳ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ତମାଣ୍ଡୋ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୮ଉଇକେଟ ବିନିମୟରେ ୨୨୨ରନ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳ ଟିମ୍ ୨୦ଓଭରରେ ୯ଉଇକେଟ ବିନିମୟରେ ୧୭୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। କମଳ ଲୋଚନ ଜେନା ଏବଂ ଅକ୍ଷୟ କୁମାର ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ବିଜୟୀ ଟିମର ପ୍ରୀତମ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ହୋଇ ଅତିଥି ରବିନାରାୟଣ ଧଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶୁକ୍ରବାର ତମାଣ୍ଡୋ ଏବଂ ଗଙ୍ଗପଡ଼ା ଟିମ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଗାଦିଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ

**କୃଷ୍ଣପ୍ରସାଦ,୨୭।୩ (କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକର ଆରାଧ ଦଳବେହେରା ସାହିସ୍ଥିତ ଗାଦିଶ୍ୱର ଦେବଙ୍କ ପୀଠରେ ଗତ ସୋମବାରଠାରୁ ମା'ଦଣ୍ଡକାଳୀଙ୍କ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ନିଶାର୍ଦ୍ଧରେ ଠାକୁରଙ୍କୁ କୋଠୀ ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥିଲା। ମାନସିକଧାରୀ ଏବଂ ତେର ଭଗତା ନିଷ୍ଠା ଓ କାଷ୍ଠାର ସହ ବ୍ରତ ରଖି ଏହି ପର୍ବରେ ସାମିଲ ହୋଇଛନ୍ତି। ରାଜରାଜୁଡ଼ା ଅମଳରୁ ୨୧ଦିନ ଧରି ପାଳିତ ହୋଇ ଆସୁଥିବା ଏହି ଆଧ୍ୟାତ୍ମିକ ପର୍ବରେ ସାମିଲ ହୋଇଥିବା ଦଣ୍ଡୁଆମାନେ ଅପରାହ୍ନରେ ପାଣି ତୋଳା କାର୍ଯ୍ୟ ଶେଷ କରିବା ପରେ ଦଣ୍ଡ ଠାକୁରଙ୍କୁ ନେଇ ଗ୍ରାମ ପରିକ୍ରମା କରିଥିଲେ। ପ୍ରଚଳିତ ପ୍ରଥା ଅନୁଯାୟୀ ପ୍ରଥମ ଦିବସରେ ପାରିକୁଦ ରାଜବାଟି ପରିସରରେ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ ଏବଂ ସପରିବାର ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଦ୍ୱିତୀୟ ଦିବସରେ ମାର୍ଫତଦାର ପ୍ରଦୀପ କୁମାର ଜେନାଙ୍କ ଦୁଆରେ ଭୋଗ ଲାଗି ହେବା ପରେ ବାହ୍ୟ ଭ୍ରମଣରେ ବାହାରିବେ ଠାକୁର। ଆଦିମ ସଭ୍ୟତାର ସଂସ୍କୃତି କେଳାକେଲୁଣୀ, ଶବର ଶବରୁଣୀ, ଶିବ ପାର୍ବତୀ ଆଦି ୨୧ହଳ ପଟେ ବେଶ ହୋଇ ଅଭିନୟ ଅନୁଷ୍ଠିତ ହେବ। ଗାଦିଶ୍ୱର ଦେବଙ୍କ ପୂଜକ ବିରଞ୍ଚି ନାରାୟଣ କେଶରୀ ନୀତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି। ଯାତ୍ରାକୁ ଉପଭୋଗ କରିବା ପାଇଁ ବିଭିନ୍ନ ସ୍ଥାନରେ ଜନସାଧାରଣ ଏବଂ ମାନସିକଧାରୀଙ୍କ ସମାଗମ ହୋଇଥାଏ। ଗାଦିଶ୍ୱର ଦେବଙ୍କ ମାର୍ଫତଦାର ପ୍ରଦୀପ କୁମାର ଜେନା, ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେଉଛି। ସୂଚନାଥାଉ କି, ଏପ୍ରିଲ ୧୩ରେ ଠାକୁର ମନ୍ଦିର ପ୍ରବେଶ କରିବା ପରେ ମେରୁ ପର୍ବ ଅନୁଷ୍ଠିତ ହୋଇ ଠାକୁରଙ୍କୁ ପୁଣି ସେହି ନିଶାର୍ଦ୍ଧରେ ହିଁ ଗୋପ୍ୟ କରାଯିବ। ସେହିପରି ବ୍ଲକର ବିଭିନ୍ନ ଗ୍ରାମରେ ଦଣ୍ଡ ପର୍ବ ଯୋଗୁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।



